# ପ୍ରେରଣା

ଜାନୁୟାରୀ, ୨୦୨୦ ସଂସ୍କରଣ



ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ଜାନୁୟାରୀ, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ଵାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଜାନୁୟାରୀ ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ଵରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଜାନୁୟାରୀ ୨୦୨୦ ସଂସ୍କରଣର ବିଜେତା ଯୁବକବି ପ୍ରୀତିରଞ୍ଜନ ନାୟକଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

ଭୁବନେଶ୍ୱରୀ ଦେବୀଙ୍କ ଔରସୁ ଜାତ ସେ
ରଖିଲେ ଦେଶର ଟେକ,
ଭାରତ କ'ଣ ଚିକାଗୋ ଜାଣିଲା
ଦେଶ ପ୍ରେମ ତହୁଁ ଶିଖ ।



ପ୍ରୀତିରଞ୍ଜନ ନାୟକ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

। ଇତି ।

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

• ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ସାମ୍ପ୍ରତିକ ବ୍ୟସ୍ତବହୁଳ ସମାଜରେ ମନୁଷ୍ୟ ବେଳେ ବେଳେ ଅଣନିଶ୍ୱାସୀ ହୋଇ ଶାନ୍ତ ପରିବେଶ ପ୍ରତି ଆକୃଷ୍ଟ ହୋଇଥାଏ । ନିଜର କର୍ମବହୁଳ ଜୀବନ ଠାରୁ କିଛି କ୍ଷଣ ଦୂରେଇ ଯିବାକୁ ପସନ୍ଦ କରେ । ସହରର ଚାକଚକ୍ୟ ଚଳଣି ଠାରୁ କିଛି ସମୟ ବିରାମ ନେବାକୁ ଚାହେଁ । ଯେତେବେଳେ ଏହିପରି ଏକ ପ୍ରାକୃତିକ, ଶାନ୍ତ ଓ ପରିବେଶ କଥା ଉଠେ ସେତେବେଳେ ଗ୍ରାମ୍ୟ ଜୀବନର ଛବି ଆଖି ଆଗରେ ନାଚି ଉଠେ । ବୃକ୍ଷଲତା ଘେରା ସେହି ଶାନ୍ତ ପରିବେଶ କଥା ମନେ ପଡେ । ଯାହାର ପ୍ରତ୍ୟେକ ବ୍ୟକ୍ତି ଜାତି, ଧର୍ମ ଓ ବର୍ଣ୍ଣ

ନିର୍ବିଶେଷରେ ବିଶ୍ୱ ଭ୍ରାତୃତ୍ୱକୁ ସମ୍ମାନ ଦେଇଥାନ୍ତି ; ପରସ୍ପର ପ୍ରତି ସ୍ନେହ ଓ ଭଲପାଇବାର ହାତ ବଢ଼ାଇଥା'ନ୍ତି । ସେହିପରି ଗ୍ରାମ୍ୟ ଜୀବନକୁ ଉପଭୋଗ କରିବା ଅତ୍ୟନ୍ତ ସୌଭାଗ୍ୟର କଥା ।

ବୟସ ବଢିବା ସଙ୍ଗେ ସଙ୍ଗେ ମନୁଷ୍ୟର କର୍ମମୟ ଜୀବନର ଚାପ ଅଧିକ ହୋଇଥାଏ । ଯାହାକି ଯୁବ ବୟସରୁ ଆରମ୍ଭ ହୋଇ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଚାଲିଥାଏ । କିନ୍ତୁ ପିଲାବେଳେ ସେ ସବୁର ଚିନ୍ତା କିଛି ନଥାଏ । ତେଣୁ ଏହି ବୟସରେ ଅବସାଦର ପ୍ରଶ୍ନ ଉଠେ ନାହିଁ । କ୍ରମଶଃ ଯୁବାବସ୍ଥାରେ କର୍ମକ୍ଷେତ୍ରରେ ଦେଖା ଯାଉଥିବା ସମସ୍ୟା ଓ ପାରିବାରିକ ସମସ୍ୟା ଆଦି ଯୋଗୁଁ ମନୁଷ୍ୟ ମାନସିକ ଚାପଗ୍ରସ୍ତ ହୋଇଥାଏ । ଯଦ୍ୱାରା ମନରେ ଅବସାଦ ଜାତ ହୋଇଥାଏ । ଏହି ମାନସିକ ଚାପରୁ ରକ୍ଷା ପାଇବା ପାଇଁ ଏକ ସୁସ୍ଥ ପରିବେଶର ଆବଶ୍ୟକତା ରହିଛି । ଗ୍ରାମ୍ୟ ଜୀବନରେ ଏହି ପରିବେଶ କିଛି ମାତ୍ରାରେ ଉପଭୋଗ ହୋଇଥାଏ । ଗ୍ରାମରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯେପରି

କି ପାଲା, କୀର୍ତ୍ତନ, ଦାସ କାଠିଆ, ପ୍ରବଚନ ଆଦି ଲୋକକଳା ମନରେ ଆନନ୍ଦ ସୃଷ୍ଟି କରିଥାଏ । ଗ୍ରାମରେ ଥିବା ଭାତୃତ୍ୱ ଭାବ ସହରୀ ଜୀବନରେ ମିଳି ନଥାଏ । ଏହା ସହ ଶବ୍ଦ ପ୍ରଦୂଷଣର ମାତ୍ରା ମଧ୍ୟ ବହୁତ କମ୍ ଥାଏ । ସନ୍ଧ୍ୟାବେଳେ ଭାଗବତ ଟୁଙ୍ଗିର ମହନୀୟତା ଉପାଦେୟ ସ୍ୱୀକାର୍ଯ୍ୟ । ମୋଟାମୋଟି କହିବାକୁ ଗଲେ ଏକ ଶାନ୍ତ ପରିବେଶର ବାତାବରଣ ଗ୍ରାମ୍ୟ ଜୀବନରୁ ହିଁ ମିଳିଥାଏ ।

ସମ୍ପ୍ରତି ସମାଜରେ ଦେଖା ଦେଇଥିବା ମାନସିକ ଚାପ ହିଁ, ମନୁଷ୍ୟ ଶରୀର ଉପରେ ବହୁ ଖରାପ ପ୍ରଭାବ ପକାଇଥାଏ, ଏହା ଏବେ ପ୍ରମାଣିତ । ଏହାକୁ ଉପଲବ୍ଧି କରି ଏବେ ବହୁ ବିଜ୍ଞବ୍ୟକ୍ତି କର୍ମମୟ ଜୀବନର ଅବସର ସମୟରେ ଗ୍ରାମାଭିମୁଖୀ ହେଉଛନ୍ତି । ଏହା ଏକ ଶୁଭଙ୍କର ସଂକେତ । ତେଣୁ ଏକ ଶାନ୍ତ ଏବଂ ସୁସ୍ଥ ପରିବେଶ ସନ୍ଧାନରେ ମାନବ ସମାଜ ବର୍ତ୍ତମାନ ଠାରୁ ଚେଷ୍ଟିତ ହେବା ଆବଶ୍ୟକ ।

*****

**- ଦେବୀ ପ୍ରସାଦ ସ୍ୱାଇଁ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୧୯ |
| | **ପୁସ୍ତକ ପରିଚୟ** | | ୨୩ |
| | **ପଦ୍ୟ ବିଭାଗ** | | |
| ୧. | ବନ୍ଦିନୀ | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୬ |
| ୨. | ଆନମନା ମନ | ମଞ୍ଜୁଲତା ସିଂ | ୨୭ |
| ୩. | ପ୍ରେମ | ସଂଯୁକ୍ତା ରାଉତ | ୩୦ |
| ୪. | ଆମ ଚଷାପୁଅ | ଅନାମ ଚରଣ ସାହୁ | ୩୩ |
| ୫. | ଆଉ କିଛି ବର୍ଷ ପରେ | ସରୋଜ ମହାପାତ୍ର | ୩୫ |
| ୬. | ନାରୀର ରୂପ | ତେଜସ୍ୱିନୀ ସାମଲ | ୩୭ |
| ୭. | ତୁମେ ଏକା ମୋର | ପ୍ରିୟଦର୍ଶିନୀ ମହାନ୍ତି | ୪୦ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୮. | ମଣିଷ ଜୀବନ | ନୀଳାମ୍ବର ମହାନନ୍ଦ | ୪୩ |
| ୯. | ମୋ ମାଆ | ମିତ୍ରଭାନୁ ସାହୁ | ୪୬ |
| ୧୦. | ଲାଜ | ବନାଲି ଦାଶ | ୪୭ |
| ୧୧. | ଶିଳାଦିତ୍ୟର ଶିଳାଲିପି | ପ୍ରଜ୍ଞା ପାରମିତା ମହାନ୍ତି | ୫୦ |
| ୧୨. | ଉନ୍ମେଷ | ଅମ୍ରିତେଶ ଖଟୁଆ | ୫୨ |
| ୧୩. | ମହୁଫେଣା | ନୂତନ କୁମାର ବେହେରା | ୫୫ |
| ୧୪. | ମିଛ ପ୍ରତିଶ୍ରୁତି | ପ୍ରୀତିରଞ୍ଜନ ନାୟକ | ୫୮ |
| ୧୫. | ଓଡ଼ିଶା | ପ୍ରିୟଙ୍କା ଜେନା | ୬୦ |
| ୧୬. | ରକ୍ତାକ୍ତ ବନାନୀ | ହୃଦୟାନନ୍ଦ ପଧାନ | ୬୨ |
| ୧୭. | ତୁମେ ଯଦି ହୁଅ | ତପସ୍ୱିନୀ ଦାଶ ଷଡଙ୍ଗୀ | ୬୪ |
| ୧୮. | ମୃତ୍ୟୁ | କୃଷ୍ଣ ଚନ୍ଦ୍ର ଡାକୁଆ | ୬୭ |
| ୧୯. | ଶବ୍ଦ ମୋହ | ଶିବ ଚରଣ ମହାପାତ୍ର | ୭୦ |
| ୨୦. | ମୁଁ ଏଇମିତି | ମୋନାଲିସା ବେହେରା | ୭୪ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୧. | ମୋ ମନ ନଟେଇ | ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର | ୭୭ |
| ୨୨. | ନୂଆବର୍ଷ | ଶ୍ରୀକ୍ଷେତ୍ର ସୁନ୍ଦର | ୭୯ |
| ୨୩. | ବରଷା ରାଣୀ | ପ୍ରକାଶ ଚନ୍ଦ୍ର ମୁଦୁଲି | ୮୧ |
| ୨୪. | ଅମର ପ୍ରେମ | ସତ୍ୟ ରଞ୍ଜନ ମିଶ୍ର | ୮୨ |
| ୨୫. | ଗୁପ୍ତକଥା | ଶିଶିର କୁମାର ପାଣିଗ୍ରାହୀ | ୮୪ |
| ୨୬. | ନୂଆବର୍ଷ ପାଇଁ ଗୀତଟିଏ | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୮୭ |
| ୨୭. | ପ୍ରେମ ପିପାସୁ | ଦମୟନ୍ତୀ କିଶାନ | ୯୦ |
| | **ଗଦ୍ୟ ବିଭାଗ** | | |
| ୨୮. | ଇମିଟେସନ ଚୁଡ଼ି | ରୋଜା ପଣ୍ଡା | ୯୩ |
| ୨୯. | ଭାବ ବିନୋଦିଆ | ବନାଲି ଦାଶ | ୧୦୩ |
| ୩୦. | ସମୟ ବଦଳୁଛି, ସମ୍ପର୍କ ମଧ୍ୟ | ତ୍ରିଲୋଚନ ଦାସ | ୧୦୭ |
| ୩୧. | ପରୋପକାର | ସଂଯୁକ୍ତା କଲେତ | ୧୧୬ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୨. | ମୋ ଭିତରେ ମୁଁ | ଲିପ୍ସା ଆଚାର୍ଯ୍ୟ | ୧୧୯ |
| ୩୩. | ଏମିତି ବି ପ୍ରେମ ହୁଏ | ସଂଯୁକ୍ତା ରାଉତ | ୧୨୫ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବିୟତ୍ରୀ...

**ନାମ :** ତପସ୍ୱିନୀ ଦାଶ ଷଡ଼ଙ୍ଗୀ

**ଜନ୍ମ ତାରିଖ :** ୧୭ ମାର୍ଚ୍ଚ

**ଜନ୍ମ ସ୍ଥାନ :** ପୁରୀ

**ବର୍ତ୍ତମାନ ଠିକଣା :** ବେଙ୍ଗାଲୁରୁ

**ଶିକ୍ଷା :** ଉତ୍କଳ ୟୁନିଭର୍ସିଟିରୁ ଏମ.ଏ ଏବଂ ଆପ୍ଟେକ୍ ରୁ ପିଜିଡିସିଏ ।



୧. **ପ୍ରିୟ ପୁସ୍ତକ :** ଯାଜ୍ଞସେନୀ, ଫକୀର ମୋହନଙ୍କ ସମସ୍ତ ଉପନ୍ୟାସ, ଆଧ୍ୟାତ୍ମିକ ସମ୍ବନ୍ଧୀୟ ପୁସ୍ତକ ଏବଂ ଜହ୍ନ ମାମୁଁ ।

୨. **ପ୍ରିୟ ଲେଖକ/ଲେଖିକା :** ପ୍ରତିଭା ରାୟ ।

**୩. ଉଲ୍ଲେଖନୀୟ ସଫଳତା :** ୫୦୦ରୁ ଊର୍ଦ୍ଧ୍ୱ କବିତା ଓ ଗଳ୍ପ ରଚନା । କିଛି ଲେଖା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ।

**୪. ପୁରସ୍କାର/ସମ୍ମାନ :** ପଢୁଥିବା ସମୟରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ ଓ ପୁରସ୍କୃତ । ଜିଲ୍ଲା ସ୍ତରୀୟ କବିତା ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର । ଷ୍ଟୋରିମିରର୍ ତରଫରୁ "ଅଥର୍ ଅଫ୍ ଉଇକ୍" ପୁରସ୍କାର ।

**୫. ଆପଣଙ୍କ ପ୍ରେରଣାର ଉତ୍ସ :** ମୋ ପ୍ରେରଣାର ଉତ୍ସ କହିଲେ ନନା ବୋଉ, ଶାଶୁ-ଶ୍ୱଶୁର, ମୋ ସ୍ୱାମୀ ଆଉ ସମସ୍ତ ପରିବାରବର୍ଗ । ବିଶେଷ ପ୍ରେରଣା ମିଳିଛି ମୋ ପିଉସୀ ନାନୀ ଶ୍ରୀମତୀ ଚିନ୍ମୟୀ ମିଶ୍ରଙ୍କ ଠାରୁ ଯିଏ କି ଏକାଧାରରେ ଜଣେ ଗାଳ୍ପିକା, ଲେଖିକା ଏବଂ କବିୟତ୍ରୀ ।

**୬. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ପିଲାବେଳୁ ମୁଁ ଦେଖିଛି ମୋ ଜେଜେ ମା' ମାତ୍ର ତୃତୀୟ ଶ୍ରେଣୀ ପାଠ ପଢି କରି ବି ବହୁତ ବଢିଆ ଲେଖାଲେଖି କରେ, ମୋ ଅଜାଣତରେ ସେ ମୋ ପ୍ରେରଣା ବନି ଯାଇଥିଲା । ତା' ଲେଖା ଦେଖି ମୋର ବି ଇଚ୍ଛା ହେଲା କିଛି ଲେଖିବାକୁ । ମୋ ଜେଜେ ବାପା

ସେତେବେଳେ ଓଡିଆରେ ଏମ୍.ଏ କରିଥିଲେ, କଲେଜରେ ପଢିବା ବେଳେ ତାଙ୍କ ଠାରୁ ଭଞ୍ଜ ସାହିତ୍ୟ, ଫକୀର ମୋହନଙ୍କ ଉପନ୍ୟାସ, ରାଧାନାଥ ରାୟଙ୍କ କାବ୍ୟ କବିତା ବିଷୟରେ ବହୁତ ଶୁଣିଛି । ସେଥିରୁ ବି ବହୁତ ଅନୁପ୍ରେରିତ ହୋଇ ମୁଁ ମୋ କବିତା ଲେଖା ଆରମ୍ଭ କରିଥିଲି । ଯେହେତୁ ଏକ ସମ୍ପୂର୍ଣ୍ଣ ଜଗନ୍ନାଥଙ୍କ ପାଖେ ସମର୍ପିତ ପରିବାରରୁ ଜନ୍ମ ନେଇଛି । ମୋର ପ୍ରଥମ କିଛି ଲେଖା ଜଗନ୍ନାଥଙ୍କ ଉପରେ ଆଧାରିତ ଥିଲା, ପରେ ପରେ ବାସ୍ତବତାକୁ ମୋ ଲେଖନୀ ମାଧ୍ୟମରେ ରୂପ ଦେବାକୁ ଚେଷ୍ଟା କଲି । ୨୦୧୦ ମୋ ବିବାହ ପରେ ୭-୮ ବର୍ଷ ଏ ସାହିତ୍ୟ ସାଧନରୁ କିଛି ମାତ୍ରାରେ ନିବୃତ୍ତ ଥିଲି । ଏବେ ବର୍ଷେ ଦୁଇ ବର୍ଷ ହେବ ପୁଣି ମୋ ସାଧନା ଜାରି ରଖିଛି । ଆଶା ଏ କଲମ ସହିତ ବନ୍ଧୁତା ଜୀବନର ଶେଷ ନିଶ୍ୱାସ ଯାଏଁ ବଳବତ୍ତର ରହିବ ।

**୭. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ସାହିତ୍ୟ ଓ ସମାଜ ପରସ୍ପର ପରିପୂରକ । ସମାଜକୁ ନେଇ ସାହିତ୍ୟ । ଆଜିର ଏ ବିଜ୍ଞାନ ଯୁଗରେ ସାହିତ୍ୟ ତା'ର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି ।

**୮. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ପତ୍ରିକା ବିଷୟରେ କ'ଣ ବା କହିବି ଭାଷା ପାଉନାହିଁ । ପ୍ରେରଣା ସମସ୍ତଙ୍କୁ ପ୍ରେରଣା ଦେଉଛି । ଆଉ ମୋ ପରି ବଣମଲ୍ଲୀ ଯିଏ କି ନିଜର ପରିଚୟ ଖୋଜି ବୁଲୁଥିଲା, ତା'କୁ ଏକ ପରିଚୟ ଦେଇ ମୋ ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି । ଏହାର ଏଡିଟର୍ ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁଙ୍କ ଅକ୍ଳାନ୍ତ ପରିଶ୍ରମ, ଅଧ୍ୟବସାୟ ଦ୍ୱାରା "ପ୍ରେରଣା" ଡିଜିଟାଲ୍ ସାହିତ୍ୟ ଦୁନିଆଁରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଆଶା ପ୍ରଭୁ ଜଗନ୍ନାଥ ଏହି ସଫଳତାର ଯାତ୍ରାକୁ ଆହୁରି ଉଚ୍ଚକୁ ନେଇ ଯାଆନ୍ତୁ ।

*****

# ପୁସ୍ତକ ପରିଚୟ


## ସପ୍ତଶଯ୍ୟା

**କବି :** ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ପ୍ରକାଶକ :** ଧ୍ରୁବତାରା ପବ୍ଲିକେଶନସ୍, ଢେଙ୍କାନାଳ

**ISBN :** 978-81-942801-0-1

**ମୂଲ୍ୟ :** ୮୦ ଟଙ୍କା




ଢେଙ୍କାନାଳରେ ଅବସ୍ଥିତ ବିଭିନ୍ନ ଆଧାତ୍ମିକ ପର୍ଯ୍ୟଟନସ୍ଥଳୀ ଗୁଡିକ ମଧ୍ୟରୁ ସପ୍ତଶଯ୍ୟା ଅନ୍ୟତମ । ଏହାର ପ୍ରାକୃତିକ ପରିବେଶ ଦର୍ଶକମାନଙ୍କୁ ବିମୋହିତ କରିବା ସହ ନୈସର୍ଗିକ ଆନନ୍ଦ ପ୍ରଦାନ କରିଥାଏ । ଏହି ମନୋରମ ପୀଠସ୍ଥଳୀକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରାଇବା ପାଇଁ ଯେଉଁ କେତେଜଣ ବରେଣ୍ୟ ସାହିତ୍ୟ ସାଧକ ଉଦ୍ୟମ

କରିଛନ୍ତି ସେଥି ମଧ୍ଯରୁ କବି ଧ୍ରୁବ ଚରଣ ସ୍ୱାଇଁଙ୍କ ପ୍ରଚେଷ୍ଟା ଅତୀବ ପ୍ରଂଶସନୀୟ । ସପ୍ତଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ କବିଙ୍କ, ଖଣ୍ଡକାବ୍ୟଟି ଅତ୍ୟନ୍ତ ଚିତାକର୍ଷକ ହୋଇଛି । ରାଧାନାଥଙ୍କ "ଚିଲିକା" ଖଣ୍ଡକାବ୍ୟର ଅନୁକରଣ ଓ ଅନୁସରଣ ମାଧ୍ୟମରେ ଖଣ୍ଡକାବ୍ୟଟି ରଚିତ ହୋଇଥିଲେ ହେଁ, ସ୍ଥଳ ବିଶେଷରେ ବର୍ଣ୍ଣନାରେ ଚମତ୍କାରିତା ଓ ଚିନ୍ତାଧାରାରେ ନୂତନତ୍ୱ କବିଙ୍କ ମୌଳିକ ପ୍ରତିଭାର ପରିଚୟ ଦିଏ । ଏହାସହ ଭାଷାର ଗାମ୍ଭୀର୍ଯ୍ୟ ଓ ଭାବର ସଂପ୍ରସାରଣ ତାଙ୍କ ରଚନାର ଅନ୍ୟତମ ବୈଶିଷ୍ଟ୍ୟ । ଖଣ୍ଡକାବ୍ୟଟି ସୁଧୀମହଲରେ ଯଥୋଚିତ ଆଦର ପାଇବ ଏହା ହିଁ, କାମନା ।

*****

Prerana e-Store

ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରି ଆଜି ହିଁ ସପ୍ତଶଯ୍ୟାକୁ ଅର୍ଡର କରନ୍ତୁ।

www.store.preranaodia.com

# ପଦ୍ୟ ବିଭାଗ

" ନିୟତି ପ୍ରତୀପେ କରିବ ଲଢାଇ
ବଳିଷ୍ଠ ଅଛିକେ ପୋଷି ଏ ବଡାଇ ।
ସଂସାରେ ଏମନ୍ତ କାହିଁ ବଳବନ୍ତ
ଯା' ଦେହେ ଭେଦିବ ନାହିଁ କାଳଦନ୍ତ ॥

- ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ବନ୍ଦିନୀ

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ରାମ ହୃଦୟ-ପଦ୍ମବନ-ବାସିନୀ
ମର୍ତ୍ତ୍ୟ-କମଳା ଶୁଭ୍ରକାଶ ହାସିନୀ ।
ମିଥିଳେଶ ଜନକ ଋଷି-ନନ୍ଦିନୀ
ଅଶୋକ ବନେ ଶୋକାତୁରା ବନ୍ଦିନୀ ॥

ସବଳ ଅଶ୍ରୁଧାରେ ନେତ୍ର ଯୁଗଳ
ଶିଶିର ସିକ୍ତ ଯଥା ନୀଳ କମଳ ।
ରାମ-ବିରହାନଳେ ଦଗ୍ଧ ଅନ୍ତର
ଉଠଇ ଦୀର୍ଘଶ୍ୱାସ-ବାଷ୍ପ ପଟଳ ॥



*****

ଜହ୍ନିତଇଳା, ଢେଙ୍କାନାଳ

# ଆନମନା ମନ

ମଞ୍ଜୁଲତା ସିଂ

ଜହ୍ନ ଆଲୁଅର ରୂପା ଜୋଛନାରେ
ଗାଧାଏ ଯେବେ ମୋ ଗାଆଁ
ତୁମ ଗାଆଁ କଇଁ ଶିଉଳି ତୁଠରେ
ଲେଖୁଥାଏ କା'ର ନାଆଁ...

ତୁମ ଗାଆଁ ଆକାଶେ ସୂରୁଜ ଉଠିଲେ
ନିଦୁଆ ଆଖିକୁ ଖୋଲି
ମୋ ଗାଆଁ ଭିଜଇ କଅଁଳ ଖରାରେ
ରଙ୍ଗ ଅବିରକୁ ବୋଳି...



ତୁମ ଗାଆଁ ଅଳି ମୋ ଗାଆଁକୁ ଆସେ
ଫୁଲକୁ ଚୁମିବା ପାଇଁ
ମୋ ଗାଆଁ ପବନ ବହୁଥାଏ ଧୀରେ
ତୁମ ଗାଆଁ ଫୁଲକୁ ଛୁଇଁ...

ତୁମ ଗାଆଁ ଆକାଶ କଳାମେଘ
ମୋର ଗାଆଁରେ ବରଷି ଯାଏ
ମୋ ଗାଆଁ ପୁବେଇ ପବନଟା ତୁମ
ପଣତ ଉଡାଇ ନିଏ...

ବଳୁଳିତ ତୁମ ଚୂତ ତରୁ ଡାଳେ
କୋଇଲି ତ ଯେବେ ଗାଏ
ଜାଣେନା କାହିଁକି କୁହୁ ସୁରେ ମୋର
ମନ ଆନମନା ହୁଏ...

ଅଧା ଦେଖା ତୁମ ସପନକୁ ନେଇ
 ରାତି ଯେବେ ଯାଏ ପାହି
ସେ ସପନ ଝରେ ପାପୁଲିରେ ମୋର
 ଆଖିର ଏରୁଣ୍ଡି ଡେଇଁ...

*****

ଭୁବନେଶ୍ୱର




# ପ୍ରେମ

ସଂଯୁକ୍ତା ରାଉତ

ପ୍ରେମ ଅଟେ ସତ୍ୟ ଶାଶ୍ୱତ ସୁନ୍ଦର
ଚିରନ୍ତନ ବଇଭବ
ଆସକ୍ତି ରହିତ ଦିବ୍ୟତାରେ ଭରା
ନୈସର୍ଗିକ ଅନୁଭବ ॥

ହୀନ ସ୍ୱାର୍ଥ ଭାବ ଛୁଏଁ ନାହିଁ ତା'ରେ
ବନ୍ଧା ନୁହେଁ ଅହଂକାରେ
ସୀମାହୀନ ବ୍ୟାପ୍ତି ପରିବ୍ୟାପ୍ତି ତା'ର
ଅନିତ୍ୟ ଏହି ସଂସାରେ ॥

ଅଗ୍ରସର କରେ     ସଦା ଲକ୍ଷ ପଥେ

ଦେଇ ମାଧୁର୍ଯ୍ୟର ସ୍ପର୍ଶ

ହୃଦୟକୁ ବାନ୍ଧେ     ହୃଦୟ ସାଥିରେ

ଢ଼ାଳି ତା' ଦିବ୍ୟ ଆଶ୍ଳେଷ ॥

ହେଉ ମାନବୀୟ     ଅବା ଐଶ୍ୱରୀୟ

ପ୍ରେମ ସଦା ମଧୁମୟ

ନିଃସର୍ତ୍ତରେ ଆତ୍ମା     ସମର୍ପି ପାରିଲେ

ଜୀବନଟା ପ୍ରେମମୟ ॥

ରାଧା କୃଷ୍ଣଙ୍କର     ଅମର କାହାଣୀ

ସାକ୍ଷୀ ଅଛି କାଳେକାଳେ

ଶୁଦ୍ଧ ଅନୁପମ     ଅନୁଭବଟିଏ

ଜୀବନ ଯମୁନା କୂଳେ ॥

ପାଖେ ପାଖେ ସଦା ଅଛି ସେ ଆମର
ଆବେଗର ଅନ୍ତରାଳେ
ଅଣନିଶ୍ୱାସୀ ସେ ହୋଇଯାଏ ଆଜି
କ୍ରୂରତା ଖୋଳପା ତଳେ ॥

କାମନା ବାସନା ଇନ୍ଦ୍ରିୟ ସୁଖର
ବହୁ ଊର୍ଦ୍ଧ୍ୱେ ପ୍ରେମ ସଂଜ୍ଞା
ଦିବ୍ୟ ଭାବ ନେଇ ବୁଝିଛେ କି କେବେ
ହୋଇଛେ କି ତା'ର ଯୋଗ୍ୟା ?


*****

ଜୟପୁର, କୋରାପୁଟ

# ଆମ ଚଷାପୁଅ

ଅନାମ ଚରଣ ସାହୁ

ଚଷା ପୁଅ ଆମ କରେ ବଡ଼ କାମ
ମୁଖରେ ଆହାର ଦେଇ,
ଦିନରାତି ସିଏ ଘର୍ମକୁ ନିଗାଡେ
ତା ପରି ହେବକି କେହି ?
ସିନ୍ଦୂରା ଫାଟିଲେ କୂଜନ ଡାକରେ
ତେଜି ଥାଏ ନିଜ ପୁର,
ଗାଈଗୋରୁଙ୍କର ନିଏ ସେ ଯତନ
ଭାବିନି କାହାକୁ ପର ।
ମଥାରେ ପଗଡ଼ି କାନ୍ଧରେ କୋଦାଳ
ହସ୍ତରେ କୋରାନ, ଗୀତା,
ସଂସାର ସହିତେ ସଂସ୍କୃତି ବଞ୍ଚାଏ



ହୋଇ ଜଗତର ହିତା ।
କ୍ଷେତର ଯତନ କରେ ସେ ବହନ
ଦେଇ ଜଳ, ଖତ, ସାର,
ତାହାଠୁ ସରଳ ବଡ଼ ଅମାୟିକ
କିଏ ସେ କୁଶଳୀ ବୀର ।
ସହି ଖରା, ବର୍ଷା ଶୀତ ଓ କାକର
ଫସଲ ଫଳାଏ ସୁନା,
ନିଜେ ଖାଇ ପୁଣି ଆନକୁ ଯୋଗାଏ
କାହାକୁ କରିନି ମନା ।
ଆଦରେ ପାଳଇ ଆମରି ସଂସ୍କୃତି
ପୁନିଅ ପରବ କେତେ,
ଋଣ ଆମେ ତା'ର ନପାରିବା ଶୁଝି
ଧନ ଭେଟି ଦେଲେ ଯେତେ

*****

ବିଭୁତିପୁର, କାକଟପୁର, ପୁରୀ

# ଆଉ କିଛି ବର୍ଷ ପରେ

ସରୋଜ ମହାପାତ୍ର

ଆଉ କିଛି ବର୍ଷ ପରେ.....
ମଟର ସାଇକେଲରେ ମାଇକି ଲାଗିବ
ମଦ ବିକ୍ରି ହେବ ଗାଁ ଗାଁରେ ।
ପିଲାଠୁ ଭେଣ୍ଡିଆ ମଦୁଆ ହୋଇବେ...
ଏଇକି ଦୁର୍ଦ୍ଦିନ ଆସିଲା ହାଏରେ,
ମଦ ଦୋକାନ ଖୋଲିବ ପ୍ରତି ଛକରେ...
ଦେଶ ଭବିଷ୍ୟତ ହେବେ ନିଶାସକ୍ତ
ଉନ୍ନତି କ'ଣ ହେବରେ ?
ଗଳି ଗଳିରେ ମଦ ବିକ୍ରି ହେବ
ଫେରି ବାଲା ପାଖେ ମଦ ମିଳିବ
ମଦ ପିଇବ କିଏ ଆସରେ ....



ଧନ୍ୟ ଆମ ସରକାର ସତରେ,

ଯୋଜନା ପରେ ଯୋଜନା ହୁଏ

ଯୋଜନା ଚାଲୁଛି ଖାଲି ଲାଞ୍ଚରେ

ମଦର ବନ୍ୟା ମାଡି ଆସୁଛି

କ'ଣ ହେବ ମୋ ରାଜ୍ୟରେ ?

ମଦ ପାଇଁ କେତେ ଦୁର୍ଘଟଣା ହୁଏ

କିଏ ତା ହିସାବ ରଖେରେ ?

ରାଜସ୍ୱ ପାଇଁ ମଦର ବନ୍ୟା

କ'ଣ ହେବ ମୋ ରାଜ୍ୟରେ

ରାଜ୍ୟ ପଛକେ ବୁଲିକି ଯାଉ

ନେତା ମନ୍ତ୍ରୀ ଅଛନ୍ତି ଖୁସିରେ,

ଆଉ କିଛି ବର୍ଷ ପରେ

କ'ଣ ହେବ ମୋ ରାଜ୍ୟରେ ?

*****

ଯଶୋବନ୍ତପୁର , ଜଗତସିଂହପୁର

# ନାରୀର ରୂପ

ତେଜସ୍ୱିନୀ ସାମଲ



ନାରୀ.......

ଯାହାର ରୂପ ହଜାର

ନୁହେଁ ଅବଳା କି ଦୁର୍ବଳା

ସର୍ବଂସହା ମା ବସୁଧା

ଖଣ୍ଡାଖର୍ପର ଧାରିଣୀ ମା ଦୁର୍ଗା

ଓଜ ତେଜ ଶକ୍ତି ସଂହାର ସ୍ୱରୂପିଣୀ ମା

ନାରୀ.......

ସୃଷ୍ଟିର ମୂଳବୀଜ

ସମସ୍ତ ଶକ୍ତିର ସକଳ ଆଧାର

ସୃଷ୍ଟି ସ୍ଥିତି ପ୍ରଳୟର କାରଣ

ପ୍ରେମ କରୁଣାର ପ୍ରତିମୂର୍ତ୍ତି ସମ୍ପନ୍ନ

ସ୍ନେହ ଶ୍ରଦ୍ଧାର ମୂର୍ତ୍ତିମନ୍ତ ପ୍ରତୀକ

ନାରୀ.......

କେବେ ଜ୍ଵାଳାମୁଖୀ

କେବେ ଦୁର୍ଗତି ନାଶିନୀ

ସଂହାର କାରିଣୀ ମା କାଳୀ

ଚଣ୍ଡମୁଣ୍ଡ ମହିଷାସୁର ପାପ ବିନାଶିନୀ

ଅନ୍ୟାୟର ନାଶ କରି ପାପର ସଂସ୍ଥାପନୀ

ନାରୀ.......

ସହିବାର ଅଜସ୍ର ଶକ୍ତି ଧାରା

ପାପକ୍ଷୟ ପୂର୍ଣ୍ଣର କରେ ସ୍ଥାପନା

କେବେ ସେ ଦେବୀ ପ୍ରତିମାର ରୂପ

କେବେ ରକ୍ତମୁଖା କରାଳ ରୂପ

ଦୁନିଆଁର ଦାଉକୁ ସହିଯିବାକୁ ଏକ ଅବାଧ ଆହ୍ଵାନ

ନାରୀ......

ଜାୟା ଜନନୀ ଭଗିନୀ ରୂପେ ପରିଚିତ

ସବୁଠି ଖାଲି ହୁଏ ପ୍ରତିଷ୍ଠିତ

ଅନ୍ୟର କାମନାରେ ଦେହ ପାଲଟେ ତା'ର ଦାହ

ସବୁଠି ମିଳେ ତା'କୁ ହତାଶାର କରାଳ ରୂପ

ଅନ୍ୟର ସ୍ୱାର୍ଥରେ ନିଜ ଜୀବନକୁ କରେ କ୍ଷୁର୍ଣ୍ଣ ।

*****

ରାଜକନିକା, କେନ୍ଦ୍ରାପଡା

# ତୁମେ ଏକା ମୋର

ପ୍ରିୟଦର୍ଶିନୀ ମହାନ୍ତି

ତୁମେ ଏକା ମୋର

ସ୍ୱପ୍ନର ସାଗର

ସଙ୍ଗୀତ ଝଙ୍କାର

ପୁନେଇ ରାତିର ତୁମେ ତ ଚକୋର ।



ତୁମେ ଏକା ମୋର

ମେଘର ମଲ୍ହାର

ପ୍ରେମର ମିନାର

ଅଢେଇ ଅକ୍ଷର ତୁମେ ତ ପ୍ରେମର ।

ତୁମେ ଏକା ମୋର
ଖୁସିର ଆସର
ହସର ଜୁଆର
ହୃଦୟ କନ୍ଦରେ ମୋ ତୁମେ ତ ଠାକୁର ।

ତୁମେ ଏକା ମୋର
ପ୍ରୀତି ପାରବାର
ସୁନ୍ଦର ମନ୍ଦିର
ମୋ ଜୀବନ ମରୁରେ ତୁମେ ବାରିଧାର ।

ତୁମେ ଏକା ମୋର
ଖୁସିର ଜୁଆର
ପ୍ରୀତି ଫୁଲହାର
ମୋ ପ୍ରେମ ବଗିଚାର ତୁମେ ତ ଭ୍ରମର ।

ତୁମେ ଏକା ମୋର

ସାଥି ଏ ଜନ୍ମର

ଜନ୍ମ ଜନ୍ମାନ୍ତର

ତୁମେ ଏକା ମୋର ସାଥି ସହୋଦର  ।

*****

ଭୁବନେଶ୍ୱର

# ମଣିଷ ଜୀବନ

ନୀଳାମ୍ବର ମହାନନ୍ଦ

ମଣିଷ ଜୀବନେ ଅନେକ ଶେଯ
ମିଳିଥାଏ ନୂଆ ନୂଆ
ଯେତେ ଶେଯ ମିଳି ଥାଉ ପଛେ
ମା କୋଳ ତୋ ଅଲଗା ।

ପାହାଡ଼ ପର୍ବତେ ଅନେକ ଜାଗାରେ
ଝରୁଛି ଝରଣା ଦେଖ
ଯେତେ ଦେଖିଲେ ବି ଦିନେ ସେ ସରିବ
ଆଖି ଲୁହ ଠାରୁ ଛୋଟ ।



ପୃଥିବୀ ଭିତରେ ଅନେକ ଜାଗା
ମଣିଷକୁ ହେଉନାହିଁ
ମଣିଷ ଭିତରେ ହୃଦୟ ଟିକିଏ
ଲକ୍ଷ ଲକ୍ଷ ଲୋକ ପାଇଁ ।

ଆସୁଛ ଯାଉଛ ଅନେକ ଦେଖୁଛ
ଛୋଟ ବଡକୁ ନେଇ
ବ୍ୟବହାର ପାଇଁ ସମ୍ମାନ ଟିକିଏ
ମଣିଷ ମାନଙ୍କ ପାଇଁ ।

ମଣିଷର ଦୁଃଖ ସେତେବେଳେ ଆସେ
ଛୋଟ ଛୋଟ କଥା ପାଇଁ
କିଏ ଯଦି କେବେ କରେ ଅପମାନ
ରହିଯିବ ଦୁଃଖ ହୋଇ ।

ସବୁଠାରୁ ବଡ଼ ମଣିଷର କ୍ରୋଧ
ମିଛ ଦୁନିଆଁରେ ଥାଇ
ଏହି ହିଂସା ଠାରୁ ଦୂରେଇ ରହିଲେ
ଜୀବନ ମିଳଇ ମୁକ୍ତି ।

*****

ଆମ୍ବଗୁଡା, ଗୋଲାମୁଣ୍ଡା
କଳାହାଣ୍ଡି

# ମୋ ମାଆ

ମିତ୍ରଭାନୁ ସାହୁ

ଛୋଟ ବେଳୁ ଯିଏ
ଭଲ ପାଉ ଥାଏ
ହାତ ଧରି ଚାଲି ଶିଖାଏ
କେତେ ଗପ କହି
ମନ ନିଏ ମୋହି
ତା ହାତରେ ଖୁଆଇ ଦିଏ
ଯେତେ ବଡ ହେଲେ
ଭୁଲିବି କେମିତି
ତା'ର ସେ ମଧୁର ନାଁ
ସେ ମାଆ  ମୋ ମାଆ...



*****

ତିର୍ତ୍ତୋଲ, ଜଗତସିଂହପୁର

# ଲାଜ

ବନାଲି ଦାଶ

ଏମିତି କ'ଣ ସେଦିନ ନେଇଥିଲ କେଜାଣି..

ସାତ ପରସ୍ତ ଶାଢ଼ୀରେ ବି ଲାଗୁଥିଲା ଭାରି ଲାଜ ଲାଜ..!

ଏମିତି କ'ଣ ଦେଇଥିଲ କେଜାଣି..

ସମସ୍ତଙ୍କୁ ବୁଲି ବୁଲି କହୁଥିଲି କେତେ କିଛି..!

ଦବା ନବାର ବଣିଜ ନଥିଲା,


ନଥିଲା ବି ପାଇବାର ହରେଇବାର

ଯେତେ ଯାକ ବୋଝ ବୁହାଣି ।

ମୁଁ କିନ୍ତୁ ଥାଏ ଥରେ ଅଧେ ପାଇ ପୁଣି ହରେଇ ଦେଲି କି

ଭେଲିକିରେ ..

ଅହର୍ନିଃଶି ଅଣନିଃଶ୍ୱାସୀ ହେଇପଡିଚିଁ ।



ହଠାତିଆ ତୁମକୁ ଦେଖି ଅଜାଣତେ ହଜିଚି,

କାଳେ ତୁମେ' ପାଖକୁ ଆସି କହିଦବ..

ଏଇ ତୁମେ କ'ଣ ସତରେ ଏତେ ପାଗେଳି..!

ନିଜକୁ ଘୋଷେଇଚିଁ ତେଣୁ,

''ଶୁଣ୍ ଏକୁଟିଆ ସେ' ଆଖିକୁ ଦିଶିଲେ ବି,

ଭିଡ଼ ଭିତରେ ଏବେ ତୁ' ''

ସତରେ ବି କେତେଥର ଅବେଳରେ ,

ଭୁଲେ ଅନ୍ୟ ମାନଙ୍କ ଉପସ୍ଥିତି,

ଅଙ୍କା ବଙ୍କା ପରିବେଶ ଟା ସାରା ,

ତୁମରି ସେ ଗୋଲାପିଆ ଉପସ୍ଥିତି ।

କେତେଟା ବୟସ ସେବେ ହେଇଥିଲା କେଜାଣି..

ପ୍ରେମ କ'ଣ ଗୋଟାପଣେ ଅନିଭୋଗି ନେଇଥିଲି କିନ୍ତୁ,

ତୁମ ଦେହ ଆଦଉଁ ନଛୁଇଁ ।

କେତେଥର କେତେ ଜଣ ପଚାରନ୍ତି,

ଶୁଣିଚିଁ..

ପ୍ରେମ ହେଲା କେମିତି..!

ଅକସ୍ମାତିଆ ଉତ୍ତରର ଢେଉ ମୁଠେ ଫିଙ୍ଗିଦେଇ,

ବୁଝେଇଚି କିନ୍ତୁ ମୁଁ

"ଆସିଥିଲା ପକ୍ଷୀରାଜ ଘୋଡା଼ ଚଢି କେବେ ଗୋଟେ ସିଏ,

ମତେ ନେଇ ଉଡୁଚି ଯେ ଉଡୁଚିଁ,

ଭାବନାର ମେଞ୍ଚା ମେଞ୍ଚା ଦସ୍ତାବିଜ୍ ରୁ,

ସେ' ବି ଖୁଆଲି ଖୁଏ.."।

ବୁଝେନି ଆଉ କିଏ କ'ଣ ବୁଝିଗଲା ସେଇଥିରୁ,

ମୁଁ କିନ୍ତୁ ଭାରି ପ୍ରଶାନ୍ତିରେ ଶୁଏ ।

*****

ବେଦାନ୍ତ ଟାଉନସିପ, ଝାରସୁଗୁଡା

# ଶିଳାଦିତ୍ୟର ଶିଳାଲିପି

ପ୍ରଜ୍ଞା ପାରମିତା ମହାନ୍ତି

ଏକ ଅନ୍ୱେଷଣର ଅଭିଯାନେ ବାହାରିଥିଲି ମୁଁ

ଇତିହାସର ପର୍ଯ୍ୟାୟରୁ କାଢିବା ପାଇଁ ନିର୍ଯ୍ୟାସ ।

କାରକ- କ୍ରିୟାଶୀଳରୁ କ୍ରିୟାହୀନ, ଜୀବରୁ ଜୀବାଶ୍ମ ।

ସଙ୍ଗୃହୀତ ଥିଲା ଯହିଁ ଅନେକ ମୂଲ୍ୟବାନ ଦ୍ରବ୍ୟ,

ରମ୍ୟ, କ୍ଷୁଦ୍ର, ବିଶାଳ ଆଉ ଭବ୍ୟ ।

ପରଖିଲି ବସ୍ତୁସବୁ ସ୍ୱର୍ଣପ୍ରାୟ; ଆକଳିଲି ମୂଲ୍ୟ ଯାହା

ପୁନରୁଦ୍ଧାରରୁ ପୁନଃପ୍ରକାଶ ଯାଏ,

ପ୍ରସବରୁ-ପ୍ରଚାର ପ୍ରସାର ପ୍ରାୟେ ।



ପ୍ରକାର- ବିରଳରୁ ବହୁଳ, କେବଳରୁ ପ୍ରବଳ ।

ବିମର୍ଷରୁ ବିକାଶ, ବିଷୟରୁ ବିସ୍ମୟ ।

ଲୋଡା ଯାହା ଉନ୍ମୋଚନ ବା ପରିପ୍ରକାଶ,

ଆବିଷ୍କାରମୁଖୀ ସମ୍ଭାବନାର ପର୍ଯ୍ୟାୟକ୍ରମ

ଏକ ଅନାହତ ଉପଲବ୍ଧି କ୍ରିୟାସମ ।

ଐତିହାସିକ ବା ପ୍ରତ୍ନତତ୍ତ୍ୱବିଦଙ୍କ ମତରେ ଯାହା (ବୋଧ ହୁଏ),

ଶିଳାଦିତ୍ୟର ଶିଳାଲିପି,

ବ୍ରାହ୍ମୀ-ପ୍ରାକୃତ-ମାଗଧ...... ବା ଅନ୍ୟରୂପୀ

ଭାଷା ମଧ୍ୟେ କି ସଙ୍କେତ ଅଛି ଛପି ?

ବୋଧ, ଦୁର୍ବୋଧ ପୁନଶ୍ଚ-ତଥାପି ।

*****

ବଳଗଣ୍ଡି ସାହି, ପୁରୀ

# ଉନ୍ମେଷ

ଅମିତେଶ ଖଟୁଆ

ଆର୍ଯ୍ୟବ୍ରତତୀ ବୀର୍ଯ୍ୟପ୍ରାଣୀନ ଉଠ ବାରେ ଚଞ୍ଚଳ,
ଦେଖି ମଡା ଦେଶ ଶୟନ ଚୁମ୍ବୁଛି ଅଳସୀର କୌତୁହଳ ।
ତରୁଣ ତୂର୍ଯ୍ୟ ହେ ବୀର ବୀର୍ଯ୍ୟ ହେ ନୀରବିତ ଏ ଅୟନେ,
କାହିଁ ଘେନିଗଲ ଶତ କୌଶଳ ତରୁଣୀ ଦ୍ୱୟ ନୟନେ ।

ଜନ୍ମି ଉଠ ହେ ସ୍ଫୁଲିଙ୍ଗର ଶିଖା ରକତ ମାଉଁଶ ଶୋଷେ,
ଜାଗି ଉଠୁ ଥରେ ଶ୍ମଶାନ ନିଥରେ ମହୀୟାନର ଆଶ୍ଲେଷେ ।
ଜୀବନ ତର୍ପଣେ କୃପଣ ପ୍ରାଣରେ ରୁଦ୍ର ନିଃଶ୍ୱାସ ଢାଳେ,
ଜୁର କରି ତୋର ମୃତ୍ୟୁ କାତର ପିଇ ଅମୃତ କୋଳେ ।

ଶର୍ବରୀ ଭେଦି ତାରକିତ ହର୍ମ୍ମ୍ୟ ଯେବେ ଉଠେ ଆକାଶେ,
ମୁଣ୍ଡ ପାତିକି ତୁଣ୍ଡ ତୁନିକି ମୁକ୍ତା ସମ ପରକାଶେ ।
ଜୀର୍ଣ୍ଣ ଆଳୟ ହେଉ ପଛେ ତୋର ବାଧା ବିଘ୍ନ ସଙ୍କୁଳ,
ହେଉ ହେଉ ହେଉ ଦାଉ ଦାଉ ଦାଉ ପ୍ରାଣେ ପୁଲକ ଆକୁଳ ।

ଉନ୍ମେଷର କାଳ ପ୍ରଦୋଷର କୋଳେ ହୁଏ ଯେବେ ଉପନୀତ,
ଗ୍ରନ୍ଥ ମେଲିକି ପାନ୍ଥ କୃତଜ୍ଞ କରୁ କର୍ମ ପ୍ରାୟଶ୍ଚିତ୍ତ ।
ଦେଖି ହେଲେ ନାହୁଁ ଶ୍ରମଦୀପ୍ତ ବାହୁ ପତିତ ନିକର ଭୂମେ,
ତୋଳିଥିଲା ଦିନେ ବୋଳିଥିଲା ଆନେ ଶୋଣିତ ତା ଅନୁପମେ ।

ରାଜନୀତି ଏଡ଼ି ମସ୍ତକ ପଛେ ଧୂର୍ଜଟି ଫଟା ବୁକେ,
ରାଜପଥ ତୋରି ବିପଥ ସବାରୀ ବହେ ନିତି ଦେଖେ ଦେଖେ ।
ରମ୍ୟ କଳାର ସାମ୍ୟ ଭୁବନେ ହେଲୁ ଯେବେ ନିରୁପାୟ,
ରିଷ୍ଟ ଖଣ୍ଡନେ କଷ୍ଟ ମଣ୍ଡନେ ଆଳସ୍ୟରେ କଲୁ ଭୟ ।

ଉପଳ ନିକ୍ଷେପେ ଚପଳ ଆଟୋପେ ବଳିଗଲା ତୋର ମନ,

କମ୍ପିତ ଓଠେ ପାଣି ମୁନ୍ଦେ ଦେବା ହେଲା ନାହିଁ ତୋର ପୁଣ୍ୟ ।

କ୍ରନ୍ଦନ ବାଜି କ୍ରୂର କରେ ଆଜି ନିକାଞ୍ଛିତ ବିଜନତା,

ପ୍ରଳୟ ବିଧୁରେ ବନ୍ଧୁର ବଳୟେ ଲୋଟି ପଡେ କେତେ ମଥା ।

ବାହାସ୍ଫୋଟ ଚୋଟ ନିତ୍ୟ ଉଚ୍ଚାଟ କରନ୍ତି ସୁତ ଅପତ୍ୟ,

ଭଗ୍ନ ଆଶାର ମଗ୍ନ ରେଣୁରେ ଭବିଷ୍ୟତର ସେ ଭୃତ୍ୟ ।

ବର୍ତ୍ତମାନର ଆବର୍ତ୍ତନ ଦେଖି ଦୁର୍ବାର ଯଉବନ,

ଭବିତବ୍ୟର ଯବନିକା ବୋଲି ଦିଅନ୍ତି ହୃଦୟେ ସ୍ଥାନ ।

କଳହ କଳିକା ଫୁଟେ କୋହ ତଳେ କଳଙ୍କିକୁ ଲୁହ ପୋଛି,

ଅତୀତ ନିର୍ଯ୍ୟାସ ଦିଏ ଜୀବନ୍ୟାସ ଅତଳ ବ୍ୟଥାକୁ କାଛି ।

ଗୌରବ ଶତ କଳରବେ ନତ ବୃଥା କାଳର କବଳେ,

ଚରଣ ଗଳୁଛି ତଥାପି ଚଳୁଛି ଜୀବନ ଗତେ ପ୍ରଫୁଲ୍ଲେ ।

*****

, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪

# ମହୁଫେଣା

କବିରତ୍ନ  ନୂତନ କୁମାର ବେହେରା



ସଫଳତା ଏକ ମହୁଫେଣା
ଯହିଁରୁ ଅବିରତ ଝରେ
ପ୍ରେମର ମଧୁ ଝରଣା,
ଯନ୍ତ୍ରଣାର କଣ୍ଟକିତ ପଥ ଅନୁସରି
କିଏ ଖୋଜି ପାଏ ତା'ର ଠିକଣା,
ଆଳସ୍ୟପଣରେ ଆଉ
ଶ୍ରମକାତରତା ଗୁଣରେ
କିଏ ହୁଏ ବାଟ ବଣା  ।
କାମନାର ମହୁମାଛି
ଆଶାର ଫୁଲେ ଫୁଲେ ଉଡି ଆସି
ଶୋଷି ନେଇ ରସ କିଛି କିଛି,

ବିଶ୍ୱାସ ସଞ୍ଚି ଭରସାରେ ବଞ୍ଚି

ଟୋପା ଟୋପା କରି

ମହୁ ଭଣ୍ଡାରଟିଏ ଗଢି ପାରୁଛି ।

ଅତି ଯତ୍ନରେ ପାଇବାକୁ ରତ୍ନ

ଶ୍ରମ ସାଧନାର ବ୍ରତରେ ରହେ ମଗ୍ନ,

ଘାତ ପ୍ରତିଘାତ ଅବା ପ୍ରତିକୂଳ ପ୍ରତିବନ୍ଧ

କରି ପାରେନା ତା'ର ଧ୍ୟାନ ଭଗ୍ନ ।

ଏକାଗ୍ରତାର ବୀଜ ମନ୍ତ୍ର

ପ୍ରତି ସ୍ପନ୍ଦନରେ କରି ଝଙ୍କୃତ,

ସୂକ୍ଷ୍ମ ଚେତନାର ଲକ୍ଷ୍ୟ ପଥେ

ହୋଇ ସ୍ଥିତପ୍ରଜ୍ଞ

ଧୈର୍ଯ୍ୟରୁ କେବେ ହୁଏ ନାହିଁ ବିଚ୍ୟୁତ ।

ପ୍ରାପ୍ତିର ସୋପାନ ପରେ ସୋପାନ

କରି ଅତିକ୍ରମ

ଶୀର୍ଷକୁ ହୁଏ ଉତ୍ତୀର୍ଣ୍ଣ,

କଣିକାଟିଏରୁ କଳ୍ପିତ କଳ୍ପନା

କ୍ରମବିକାଶରେ ହୁଏ ପରିପୂର୍ଣ୍ଣ ।

ଜୀବନର ଘଞ୍ଚ ଜଙ୍ଗଲରେ

ମନ ପ୍ରାଣ ଖୋଜି ବୁଲେ

ପାର୍ଥିବ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ,

ସାର୍ଥକତା ସଫଳ ସାଧନାର

ମହୁଫେଣା ପରି

ବାହ୍ୟ ଜଗତର ସୌନ୍ଦର୍ଯ୍ୟ ।

ଷଡରିପୁ ନାଶି ନିଷ୍ଠାରେ ପାଳିଲେ

ସାତ୍ତ୍ୱିକ ଆଚରଣ ବିଧି

ଅନ୍ତଃକରଣର ହୁଏ ଶୁଦ୍ଧି,

ଆତ୍ମତୃପ୍ତି ମହୁଫେଣାର ସଞ୍ଚିତ ମହୁ

ଚିର ଅବ୍ୟୟ ଅକ୍ଷୟ ସିଦ୍ଧି ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ମିଛ ପ୍ରତିଶ୍ରୁତି

ପ୍ରୀତିରଞ୍ଜନ ନାୟକ

ଛାଡିବିନି କେବେ ଭୁଲିବିନି କେବେ
ତୁମେ ମୋ ପ୍ରଥମ ପ୍ରେମ,
ଏମିତି କେତେ କଥା ଦେଇଥିଲ
ଶେଷେ ଭୁଲିଲ ମୋ ନାମ ।

ଭିଡିଓ କଅଲେ ମିଛେ ପିନ୍ଧିଥିଲ
ନାଲିଆ ସିନ୍ଦୂର ଟୋପା,
ମୋ ନାଆଁରେ କାଳେ ମଥାରେ ଧରିଲ
ଭାବି ହୁଏ ଏବେ ଖପ୍ପା ।

ବଞ୍ଚିବା ସାଥିରେ ମରିବା ସାଥିରେ
କେତେ ଯେ ସହଜ କଥା,
ପାଳନ ବେଳେ କେମିତି ଭୁଲିଲ



ଦେଇଗଲ ହୃଦେ ବ୍ୟଥା ।

ସେଦିନର କଥା ମନେ ପକା ପ୍ରିୟା
ଗୁଞ୍ଜିଥିଲ ମଥା କୋଳେ,
ପ୍ରେମ କାଳେ ତମ ଗଭୀର ବି ଥିଲା
କହୁଥିଲ, ଛାଡିବନି କେଉଁ କାଳେ ।

ଫୁଲରୁ ମହୁ ଶୋଷି ନେଲାପରେ
ମଧୁମକ୍ଷି ପ୍ରେମ ମରେ,
ମୋତେ ଦେଖି ଦେଖି ବିରକ୍ତି ଆସିଲା
ତମ ବାସ୍ତବ ପ୍ରେମ ବି ସରେ ।

ଧନ୍ୟ ତୁମ ପ୍ରେମ, ଧନ୍ୟ ପୁଣି ତୁମେ
ଧନ୍ୟ ତୁମ ପ୍ରତିଶ୍ରୁତି,
ସବୁ ମିଛ ଥିଲା, ସବୁ ଚାଲିଗଲା
ରହିଗଲା ଯାହା ସ୍ମୃତି ।


*****

ରାଜକନିକା, କେନ୍ଦ୍ରାପଡ଼ା

# ଓଡ଼ିଶା

ପ୍ରିୟଙ୍କା ଜେନା

କେଡେ ସୁନ୍ଦର ରାଇଜଟିଏ
ମୋର ଓଡ଼ିଶା ସତେ ।
ମା' ଟି ପରି ସେନେହ ଦେଇ
କୋଳେ ଧରିଛି ମୋତେ ।
ତାହାରି ମାଟି, ପାଣି, ପବନେ
ଶରୀର ମୋର ଗଢ଼ା ।
ଯାହା ମାଗିଛି ସବୁ ଦେଇଛି
ମୋ ପାଇଁ ଯାହା ଲୋଡ଼ା ।



ଶ୍ରୁତି ମଧୁର କେଡେ ମହତ

ଭାଷା - ସାହିତ୍ୟ ତା'ର ।

କଳା ସଂସ୍କୃତି ନୃତ୍ୟ ସଂଗୀତେ

ଜଗତେ ତା'ର ନାମ ।

ମାଟିରେ ତା'ର ଜନମ ଲଭି

ମୁଁ ବଡ ଭାଗ୍ୟବାନ ।

କରିଛି ପଣ ସେବାରେ ତା'ର

ବିତାଇ ଦେବି ଦିନ ।

*****

ପୋ - ଭୋଇପାଲି, ଜିଲ୍ଲା - ବରଗଡ

# ରକ୍ତାକ୍ତ ବନାନୀ

ହୃଦୟାନନ୍ଦ ପଧାନ



ଅସ୍ତଗାମୀ ସୂର୍ଯ୍ୟ ସବୁଦିନେ ସକାଳେ
ଅଥବା ସନ୍ଧ୍ୟାରେ ଆଙ୍କେ
ପୃଥିବୀରେ ରକ୍ତିମ ଆଭା ।

ଦୟାନଦୀର ଜଳରାଶି ବି
ସେ ଦିନଥିଲା କାହିଁକି ରକ୍ତିମ
କୁରୁକ୍ଷେତ୍ରକୁ ଟିକିଏ ଅନେଇ ଦେଖ
ସେ ବି ଥିଲା ସେ ଦିନ ରକ୍ତାକ୍ତ ।

କାର୍ଗିଲ କଥା ମନେ ନାହିଁ
କେତେ ରକ୍ତ ବହିଛି

ସେଇ ସୈତାନଗଣଙ୍କ ପାଇଁ ।

ଏ କଳିକାଳେ ଲାଗୁଛି
ପ୍ରତି ଘରେ ଝଡ଼ର ତାଣ୍ଡବ
ପ୍ରତିଦିନ ବହୁଛି ରକ୍ତନଦୀର ସନ୍ତରଣ ।

ଏ ଲହୁ କ'ଣ ଏତେ ଶସ୍ତା
ଯେଉଁଠି କି ଦେଖ ଖାଲି
ରକ୍ତାକ୍ତ ବନାନୀ ।

କାହିଁକି ଏ ରକ୍ତ ବୁନ୍ଦାର ସୃଷ୍ଟି
କ'ଣ ପାଇଁ ଜୀବନ ସୁରକ୍ଷା ପାଇଁ ନା
ରକ୍ତନଦୀରେ ସ୍ନାନ କରିବା ପାଇଁ ।

*****

ଅମରପାଲି, ବୀରମହାରାଜପୁର
ସୁବର୍ଣ୍ଣପୁର

# ତୁମେ ଯଦି ହୁଅ

ତପସ୍ୱିନୀ ଦାଶ ଷଡଙ୍ଗୀ

ତୁମେ ଯଦି ହୁଅ ମଧୁଝରା ଜହ୍ନ
ମୁଁ ହେବି ପୁନେଇ ରାତି
ତୁମେ ଯଦି ହୁଅ ସାଗରେ ଶାମୁକା
ମୁଁ ହେବି ତୁମର ମୋତି ।



ତୁମେ ଯଦି ହୁଅ ଲେଖନୀର ମୂନ
ମୁଁ ହେବି ତୁମ କବିତା
ତୁମେ ଯଦି ହୁଅ ମାଟିର ପ୍ରଦୀପ
ମୁଁ ହେବି ତୁମ ସଳିତା ।

ତୁମେ ଯଦି ହୁଅ ଶ୍ରାବଣର ମାସ
ମୁଁ ହେବି ଧାରା ଶ୍ରାବଣୀ
ତୁମେ ଯଦି ହୁଅ ତନ୍ଦ୍ରା ଭରା ରାତି
ମୁଁ ହେବି ତ ନିଦ ରାଣୀ ।

ତୁମେ ଯଦି ହୁଅ ଗିରି ତରୁ ବନ
ମୁଁ ହେବି ଅଳସୀ ନଈ
ତୁମେ ଯଦି ହୁଅ ଶରୀର ତା'ହେଲେ
ମୁଁ ହେବି ତାହାର ଛାଇ ।

ତୁମେ ଯଦି ହୁଅ ଆଶାର ଆକାଶ
ମୁଁ ହେବି ଆକାଂକ୍ଷା ତାରା
ତୁମେ ଯଦି ହୁଅ ସୁନ୍ଦର ଚିବୁକ
ମୁଁ ହେବି ହସର ଧାରା ।

ତୁମେ ଯଦି ହୁଅ ଅଞ୍ଜନର ଗାର
ମୁଁ ହେବି ମୃଗନୟନୀ
ତୁମେ ଯଦି ହୁଅ ସୁର ଲୟ ତାଳ
ମୁଁ ହେବି ତେବେ ରାଗିଣୀ ।

ତୁମେ ଯଦି ହୁଅ ସାଗର ଲହଡି
ମୁଁ ହେବି ସମୁଦ୍ର ତୀର
ତୁମେ ଯଦି ହୁଅ କୋମଳ ହୃଦୟ
ମୁଁ ହେବି ସ୍ପନ୍ଦନ ତା'ର ।

*****

ବେଙ୍ଗାଲୁରୁ

# ମୃତ୍ୟୁ

କୃଷ୍ଣ ଚନ୍ଦ୍ର ଡାକୁଆ

ଜଣା ନାହିଁ ମୋତେ

ମୋ ଜୀବନର ଆୟୁଷ

କିନ୍ତୁ ଜଣା ଅଛି

ଜୀବନ ଜିଇବାର ରାସ୍ତା

ନିଜ ଦୋ'ଛକି ଜୀବନର

ଛୋଟିଆ ପ୍ରୟାସରେ

ଯଦିଓ କେହି ଜଣେ

ଖୁସି ହୋଇଯାଏ ତେବେ

ତାହା ହିଁ

ପ୍ରକୃତ ଓ ବାସ୍ତବ ଜୀବନ



ଯାହାବି ହେଉ

ଜୀବନ ମାତ୍ରକେ'ତ

ମୃତ୍ୟୁ ସୁନିଶ୍ଚିନ୍ତ

ହେଲେ ମୋତେ ଏମିତି

ମୃତ୍ୟୁ ଆବଶ୍ୟକ

ଯାହା କେବେ ବି

କାହା ମନରେ ଦୁଃଖ ଦେବନି

ଏହା କ'ଣ ସମ୍ଭବ ?

ହେ ଈଶ୍ୱର

ଉତ୍ତର ଅପେକ୍ଷାରେ

ତୁମେ କ'ଣ ପାରିବ

ଏହି ପ୍ରଶ୍ନର ଉତ୍ତର ଦେବାରେ

କାହିଁ ବିଶ୍ୱାସ ହେଉନି

ସତରେ ତୁମ ସୃଷ୍ଟିଟା ବିଚିତ୍ର

କେତେବେଳେ କାହାକୁ

ଜନ୍ମ ଦେଉଛ'ତ

କେତେବେଳେ କାହାକୁ

କ୍ଷଣିକେ ମୁହୂର୍ତ୍ତରେ

ମୃତ୍ୟୁ ଶଯ୍ୟାରେ ଶୁଆଇ ଦେଉଛ

ହେ ଈଶ୍ୱର ସତରେ ତୁମ ସୃଷ୍ଟିଟା ବିଚିତ୍ର !

*****

କରଚୁଲି(ବୁଗୁଡ଼ା), ଗଞ୍ଜାମ

# ଶବ୍ଦ ମୋହ

ଶିବ ଚରଣ ମହାପାତ୍ର

ଆକାଶ ଭର୍ତ୍ତି ଶବ୍ଦ ଯେ' କେବଳ ମୋର
ସେ ଅପନିନ୍ଦା ବୋଝ ଦିଅନାହିଁ ମୋତେ
ଆସ..!
ତୁମେ ବି ତା' ପଦଧ୍ୱନୀରେ ନିଶାସକ୍ତ ହୁଅ
ଉପଲବ୍ଧି କର
ଡାଏରୀ ପୃଷ୍ଠାରେ ସାଇତି
ଅଳି ଅର୍ଦ୍ଦଳି ସୁଖ ଦୁଃଖ ଯେତେ..!!
ସ୍ଥିତପ୍ରଜ୍ଞ ଆଖିର ଚିକମିକ୍ ସ୍ୱପ୍ନ ସବୁ ମୋର
ଆଉ ସେ ସ୍ୱପ୍ନର ବାସ୍ତବତା ଯେ' କେବଳ ତୁମେ
ଆଉ ସେ ସ୍ୱପ୍ନର ବାସ୍ତବତା ଯେ' କେବଳ ତୁମେ



ଏ ରଙ୍ଗୀନ ମିଛ କହିବିନି କେବେ..!

କିମ୍ବା

ସାଉଣ୍ଟି ନେବିନି ତୁମ ଅବ୍ୟକ୍ତ ଭାବନା

ଅନ୍ଧକାର ମୁହୂର୍ତ୍ତ ଭିତରେ

ଶୁଖିଲା ପତ୍ର ହୋଇ ଝଡିଯିବି ଯେବେ..!!

ତୁମେ ଜାଣ

ଶବ୍ଦ ବି ଫିଙ୍ଗି ପାରେ ପୁଙ୍ଗୁଳା ଆଖି ହଳକୁ

ଦେଖ ଏବେବି ପତ୍ର ଗହଳିରେ ଚାହୁଁଛନ୍ତି ପଥସବୁ

ତୁମ ଫେରିବା ବାଟକୁ

ଫଡ୍ କରି ପକ୍ଷୀଟିଏ ଉଡିଗଲେ ବୁଲିଚାହେଁ ହୃଦୟ

କାଳେ ଫଗୁଣ ପଟୁଆର ଧରି ପବନଟା ଆଣିଥିବ

ଅବୁଝା ଶବ୍ଦର ବାର୍ତ୍ତା ଆଉ ମନୋଇ ପ୍ରିୟାକୁ..!!

ଅପୂର୍ଣ୍ଣତାରେ କୋଳାହଳ ଭାଙ୍ଗେ

ଜଡ ପାଲଟେ ମୁହୂର୍ତ୍ତେ ସମୟ

ବଦଳିଯାଏ ଇନ୍ଦ୍ରଧନୁ ରଙ୍ଗ

ସ୍ୱପ୍ନଭଙ୍ଗର ପରାଜୟ ପ୍ରତିଧ୍ୱନିତ ହୁଏ

ବଖରା ଭିତର ବାହାର..!!

ତଥାପି ତୁମେ ନୁହଁ

ତା' ରୂପ ରଙ୍ଗରେ ଧୂପ ହେଇ ଜଳିବାକୁ ମୁଁ ପ୍ରସ୍ତୁତ

କେବେ ଭବ୍ୟ ଚେତନାରେ

କେବେ ଦିବ୍ୟ ଭାବନାରେ..!!

କାହା ଅନାଦର ଘୃଣା ତିରସ୍କାର ସତ୍ତ୍ୱେ

ନଈ ବହୁଛି ତ ବହିବାକୁ ଦିଅ

ଶବ୍ଦ ପ୍ରେମରେ ମୁଠେ ଧୂସରିତ ମୋହ

ନିତିଦିନ ଯାଉଥାଉ ବୋହି

ଆକାଶ ମାପୁଛି ଏ' ଛାତିର ଦ୍ରାଘିମା

ତ ମାପିବାକୁ ଦିଅ

ଚହଲା ପାଣିରେ ଦେଖୁ ନିଜେ ନିଜ ଛାଇ..!!

ଫଗୁଣ ଲେଖୁଛି ଯଦି ଲେଖୁଥାଉ

ଜହ୍ନ ପାଇଁ ତାରା ପାଇଁ

ବେନାମୀ ପ୍ରେମଚିଠି..!

ମୋର କି ଯାଏ..?

ବାସ୍

କାଗଜ ହୃଦୟ ନିତି ସହୁଥାଉ

ବଉଳର ହସ ଆଉ ଜହ୍ନ ଦେହ ତାତି..!!

*****

ଚକ୍ରଧରପୁର, କେନ୍ଦୁଝର

# ମୁଁ ଏଇମିତି

ମୋନାଲିସା ବେହେରା

ମୁଁ ତ ଗୋଟେ ହାରିଯାଇଥିବା ମଣିଷଟିଏ
ଯୁଦ୍ଧର ଆରମ୍ଭରୁ ହିଁ ଭରସି ପାରେନି ନିଜକୁ,
କ୍ଷୀଣ ଦୃଢ଼ତା ସବୁକୁ ଜାବୁଡ଼ି ଧରି
ଆତ୍ମ ଉପହାସରେ ହିଁ ଭାଙ୍ଗିପଡ଼େ ।

ସେଇ ଋତୁ ଆଉ ପ୍ରକୃତିର ଧର୍ମପରି
ବଦଳାଇ ପାରେନି ନିଜକୁ,
ତଥାପି ନୂତନତ୍ୱର ଅନ୍ୱେଷଣରେ
ଘୁରିବୁଲୁଥାଏ ଆଶାର ପ୍ରଜାପତିଟେ ।



ମୋଞ୍ଚାଏ ସ୍ୱପ୍ନ ଗୁଡ଼ାକ ଯେମିତି ମୋ ଭିତରେ
କମ୍ପନ କରି କରି ମୋତେ ଦୁର୍ବଳ କରିପକାନ୍ତି,
ସେମାନେ ବୁଝିପାରନ୍ତିନି ମୋର ଅସହାୟତାକୁ
ପ୍ରତି ମୂହୁର୍ତ୍ତରେ ଲଜ୍ୟାଦଗ୍ଧ ମୋ ନିଜକୁ ।

ସେ ଆଖିଦୁଇ ମଧ୍ୟ ଅସହାୟ ପାଲଟିଯାନ୍ତି
ଥକି ପଡ଼ିଥିଲେ ହେଁ ମୁକୁଳାଇ ପାରନ୍ତିନି ନିଜକୁ,
ହୃଦୟର ବନ୍ଧନରେ ସତେ ଯେପରି
ବନ୍ଧୁମାନଙ୍କ ପରି ବାନ୍ଧିହୋଇ ଯାଇଥାନ୍ତି ସେମାନେ ।

ମନ ସିନା କ୍ଷଣିକ ଦୃଢ଼ତାରେ ବଳୀୟାନ କରାଏ
ତଥାପି ଏଇ ହୃଦୟ ନିଜକୁ ହିଁ ଦୁର୍ବଳ କରିଦିଏ,
ସ୍ୱପ୍ନର ଲହଡ଼ିମାନ ଭସାଇ ନିଅନ୍ତି ଆଗକୁ
କେବେ କେବେ ନିଜକୁ ହଜାଇ ଦିଏ ସେଥିରେ ।

ସେ ରାତି ସିନା ଶାନ୍ତିରେ ଶୋଇପଡ଼େ
କଳଙ୍କିତ କାଳିମାକୁ ବୁକୁରେ ଚ଼ାପିଧରି,
ମୁଁ କିନ୍ତୁ ଶୋଇପାରେନି ସେଠି
ଦୁଃଖ ରୂପୀ ଅଗ୍ନିର ଜ୍ୱାଳାରେ ।

ଦର୍ପଣ ବୁକୁରେ ମଧ ଦେଖିପାରେନି ନିଜକୁ
ଦେଖେ ସେଇ ଆନ୍ଦୋଳିତ ଛବି ସବୁକୁ,
ଶତ୍ରୁସମ ଆକ୍ରମଣ କରିଚ଼ାଲନ୍ତି ସେମାନେ
ମୋତେ ନିସ୍ତେଜ କରିଦେବା ଯାଏ ।


*****

ଜଗନ୍ନାଥପୁର, ଜଗତସିଂହପୁର

# ମୋ ମନ ନଟେଇ

ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର

ଗୋ ପ୍ରେୟସୀ ନାୟିକା, ଗୁଡି ଟିଏ ବନ୍ଧା ତୁମ
ନଟେଇର ଅଦୃଶ୍ୟ ରଜ୍ଜୁରେ,
ମୁକ୍ତ ବିହଙ୍ଗ ସମ କେବେ ଉଡୁଥାଏ ତ
କେବେ ଆକାଶରେ କଟି ସତ୍ତା ହରାଏ ।୧।



ଗୋ ସ୍ୱପ୍ନର ଶାମୁକା, ଚକର କାଟିବା କଟକ ସହରେ
ଛାତେ ଗୁଡି ଉଡେଇବା,
ପ୍ରେମ ଗୁଡି ଆମ ପେଞ୍ଚ ପଡିଗଲେ, ଦୁହେଁ ତଡାତଡି ହେବା ।୨।

ଗୋ କାହ୍ନୁର ରାଧିକା, ଗୋଲାପୀ ଗୁଡି ମୋ ଲୋଟଣି ଖାଇବ
ଟାଣି ଟାଣି ନେବି ତତେ,
ମନ ନଟେଇ ସୂତାରେ ଗୁଡେଇ ରଖିବି କାଟିବୁନି ଜମା ମତେ ।୩।

ଗୋ ମାୟା ମରୀଚିକା, ଦୁଇ ମନ ଯେବେ ରଙ୍ଗ ବୋଳା ବୋଳି
ଗୁଡି ଉଡୁଥିଲା ହରଷେ,
ମୋ ମନ ନଟେଇ ଆଜି ଆନନ୍ଦିତ ଅଦୃଶ୍ୟ ଶୀତଳ ପରସେ ।୪।

*****

ଗୁଡ଼ିଆନାଳି, ଢ଼େଙ୍କାନାଳ

# ନୂଆବର୍ଷ

ଶ୍ରୀକ୍ଷେତ୍ର ସୁନ୍ଦର

ଆଜି ଚାରିଆଡେ ଭାରି ହୋ - ହାଲ୍ଲା
ରାତି ପାହିଲେ କିଛି ଗୋଟେ ବିରାଟ ପରିବର୍ତ୍ତନ ହେବ ବୋଧେ ।
ହେଲେ କ'ଣ ସେ ପରିବର୍ତ୍ତନ ?
ସୂର୍ଯ୍ୟ ଶୀତଳତା ପରଶିବେ ନା
ଚନ୍ଦ୍ର ନିଦାଘ କିରଣ ଝରାଇବେ ?
ପବନକୁ କ'ଣ ଆଖିରେ ଦେଖି ହେବ ନା
ଇନ୍ଦ୍ରଧନୁକୁ ହାତରେ ଯାବୁଡି ଧରି ହେବ ?
ରକ୍ତର ରଙ୍ଗ ଫିକା ପଡ଼ିଯିବ ନା
ଲୁହର ସ୍ୱାଦ ମଧୁର ହୋଇଯିବ ?

ନିକଟ ଅତୀତର ବିବର୍ତ୍ତନ ଧାରାରେ

ପ୍ରକୃତିତ ଏମିତି ଭାବରେ ତା ପ୍ରକୃତି ବଦଳାଇ ଥିବାର ନଜିର ନାହିଁ ।

ହେଲେ , ମଣିଷ ବଦଳେ ଦଣ୍ଡ - ଦିନ - ମାସ - ବର୍ଷ ପରି

ପୁଣି ନୂଆକରି, ନୂଆବର୍ଷ ପରି ...

*****

ଓଡିଶା ଆଦର୍ଶ ବିଦ୍ୟାଳୟ

ଗାଇସିଲଟ, ବରଗଡ

# ବରଷା ରାଣୀ

ପ୍ରକାଶ ଚନ୍ଦ୍ର ମୁଦୁଲି



ବରଷା ରାଣୀଲୋ ..... ବରଷା ରାଣୀ ....

ରାଗ କରନା ତୁ ରୁଷି ଯାଆନି

ତୋ ବିହୁନେ ଆଜ ସର୍ବତ୍ର ଶୂନ୍ୟ

ଧରା ଧାମେ ଖେଳେ ହତାଶା ଭାବ

ଚାଷୀଭାଇ ନିଜ ଭାଗ୍ୟକୁ ନିନ୍ଦେ

ଆଶଙ୍କାରେ ବସି ସମୟ କାଟେ

ସାରୁଗଛ ମୂଳେ ନଶୁଭେ ଆଉ

ବେଙ୍ଗ - ବେଙ୍ଗୁଲିର କେ କଟର

ସାଧବ ବୋହୁର ଠୁକୁ ଠୁକୁ ଚାଲି

କାଗଜ ଡ଼ଙ୍ଗା ତ ସାତ ସପନ

*****

ରାୟଗଡା ପୋଲିସ

ଷ୍ଟେସନ, ରାୟଗଡା

# ଅମର ପ୍ରେମ

ସତ୍ୟ ରଞ୍ଜନ ମିଶ୍ର

ପୁନେଇ ଆକାଶ ଚାନ୍ଦ ଗୋ ତୁ ଲୋ
ଜ୍ୟୋତ୍ସ୍ନାକୁ କେ ହେବ ସରି ;
ହଳଦୀ ମୁହିଁ ତୋ ରୂପ ଦେଖି ଦେଲେ
ଦୁନିଆଁ ଯାଏ ମୁଁ ପାସୋରି ।

ବସନ୍ତ ଋତୁର କୋକିଳ ସମାନ
ଆହା କି ମିଠା ତୋ ସ୍ବର ;
ସେ ସ୍ୱର ଶୁଣିଲେ ସମ୍ମୋହିତ ହୁଏ
କର୍ଣ୍ଣ ମନ ପ୍ରାଣ ମୋର ।



ତୋର ସବୁ ଠାଣି ଭୁବନ ମୋହିନୀ

ଚାହାଣିରେ ନେଉ କିଣି ;

ଲାଜକୁଳୀ ପରି ଲାଜେଇ ଗଲେ ମୋ

ଚେତା ବୁଡ଼େ ସେହି କ୍ଷଣି ।

ଭାଗ୍ୟବାନ ମୁହିଁ ଭାଗ୍ୟଲକ୍ଷ୍ମୀ ସାଜି

ଆସିଲୁ ଜୀବନେ ମୋର ;

ତୋ ପାଇଁ ଜିଇଁଛି ତୋ ସାଥେ ମରିବି

ତୋର ମୋର ପ୍ରେମ ଅମର ।


*****

ଅଢ଼ଙ୍ଗ ଶାସନ, ଅଣଖିଆ, ବିରିଡି,

ଜଗତସିଂହପୁର

# ଗୁପ୍ତକଥା

ଶିଶିର କୁମାର ପାଣିଗ୍ରାହୀ



କହନା, କିଛି ବି କହନା ଚିତ୍ରା !

ଖୁବ୍ କାନମୟ ଆମ ପରିଧିର ବାୟୁସବୁ ।

ଖୁବ୍ ଚର୍ଚ୍ଚାଖୋର ମଣିଷମାନେ ଏଠି
ନିଜ ଗୁମରକୁ ବ୍ଲାକମନି ପରି ଲୁଚାନ୍ତି,
ପର ଗୁମରକୁ ଖବରକାଗଜରେ ଛାପନ୍ତି,
ଏଣୁ କିଛି କହିବା ଅପେକ୍ଷା
କିଛି ବି ନ କହିବା ଢେର୍ ଭଲ ।

ଗୁମର କହିଲେ କ'ଣ ଯେ !

ଆମ ପ୍ରେମ କେବେ ଗୁମର ହୋଇନପାରେ

ହୋଇନପାରେ କେବେ ରହସ୍ୟମୟ ଗାଥାଟିଏ

ମାତ୍ର,ଏ ସଭ୍ୟ ସମାଜ ଓ

ତା' ଆଢୁଆଳରେ ଲୁଚିଥିବା ସଂକୀର୍ଣ୍ଣ ମାନସିକତାର (ଅ)ସଭ୍ୟତା...

ଛାଡ ଚିତ୍ରା, ଏଠି ପ୍ରେମ ମିଛ ଅପବାଦର ଓଜନିଆ ବୋଝଟିଏ !

ବୋଝ ପରି ଲାଗୁ ନଥିଲା

ତୁମ ସହ ଲୁଚି ଲୁଚି ଭେଟ ହେବା

ନିଛାଟିଆ ଗଳିରେ କେବେ ତୁମକୁ ଅଣ୍ଟେଇ ନେବା...

ରହସ୍ୟ ପରି ଲାଗୁ ନଥିଲା

ଆବଦ୍ଧ କୋଠରୀ

ଆବଦ୍ଧ ସମୟ

ଆବଦ୍ଧ ଅନ୍ଧାର ଓ ଦୁଷ୍ଟ ପ୍ରେମାଳାପ !

ତୁମକୁ ତୁମ ପୃଥିବୀ ସାଁଉଟୁଥାଉ
ମୋତେ ମୋ ପୃଥିବୀ ସାଁଉଟୁଥାଉ
ଆମ ଭିତରେ ଆମ ସ୍ୱପ୍ନ ପସରା ସମାଧି ନେଉ ...
ଅଚିହ୍ନା ପରି ମଣିଷଟିଏ ତୁମେ
ଅଲୋଡା ପରି ସ୍ମୃତିଟିଏ ମୁଁ...
ଏଣିକି ସବୁ ଗୁପ୍ତକଥା ଗୁପ୍ତ ହି ରହୁ ...

*****

ଗ୍ରାମ/ପୋ-ଜମଲା,
ବ୍ଲକ୍-ପଦ୍ମପୁର ଜିଲ୍ଲା-ବରଗଡ

# ନୂଆବର୍ଷ ପାଇଁ ଗୀତଟିଏ

ଶ୍ରୀମତୀ ଚିନ୍ମୟୀ ମିଶ୍ର

(ଏ ପରବତକୁଞ୍ଜିକୁଞ୍ଜିକାବୃତ୍ତେ )

ଝୁଲି ଝୁଲି ଫୁଲଦୋଳିରେ, ନୂଆବର୍ଷ ଆସିଲା ବାରେ,
ପୁରାତନ ରହି ପଛରେ,  ନୂତନକୁ ସ୍ୱାଗତ କରେ,.... ଝୁଲି ଝୁଲି....
ଲୁଚିଲା ରଜନୀରାଣୀ,  ହସି ଉଠିଲା ଧରଣୀ
ସୁନେଲି ଓଢଣାଟାଣି,   ଖୁସିହେଲା ଉଷାରାଣୀ
ହଳଦୀ ମୁରୁଜ,  ବୁଣିଲେ ସୂରୁଯ

ଏ କୁନି କୁନି ଘାସ ବେଦିରେ,  ଚୁନି ଚୁନି କାକର ପଡେ
ରୂପା ଚାନ୍ଦୁଆ ପରଦାରେ,  ସତେ କିବା ମୁକୁତା ଝରେ... ଝୁଲି ଝୁଲି...

ଦୁଇ ହଜାର ଉଣିଶି ଫେରିବନି ଆଉକେବେ,
ଦୁଇ ହଜାର କୋଡିଏ ପହଂଚି ଗଲାଣି ଏବେ
ଏ ନୂଆ ବରଷେ ରହିବା ହରଷେ

ନ ରଖିବା ରାଗ ମନରେ... ମିଠା ମିଠା କଥା କହିବା ଧୀରେ
ସବୁରିଙ୍କୁ ଆଦର କରି... ବାନ୍ଧିହେବା ସେନେହ ଡୋରେ...ଝୁଲି ଝୁଲି...

କାମ କ୍ରୋଧ ଲୋଭ ମୋହ,  ଷଡ଼ରିପୁ ଛାଡି ଦିଅ..
ଦୟା କ୍ଷମା,  ଶ୍ରଦ୍ଧା ସ୍ନେହ,  ସୁଗୁଣ ଆବୋରି ନିଅ
ତୁଟିଲେ ଦୁର୍ଗୁଣ,  ଫୁଟିବ ସୁଗୁଣ

ସୁଗୁଣର ଫୁଲ ଫୁଟିଲେ,  ସୁମଣିଷ ହୋଇବା ଭଲେ
ସୁମଣିଷ ହୋଇ ପାରିଲେ,  ବିଭୁ କୃପା ଝରିବ ଶିରେ... ଝୁଲି ଝୁଲି...

ଅତୀତ ଯାଇଛି ହଜି,  ବର୍ତ୍ତମାନେ ଯିବା ମଜି
ପୁରୁଣା କଥାକୁ ତେଜି,  ଆନନ୍ଦ ହୋଇବା ଆଜି

ଭବିଷ୍ୟ ଅନ୍ଧାର,  ସେକଥା ନଭାଳ

ସତ୍ୟ ଧର୍ମ ଶାନ୍ତି ପଥରେ... ଚାଲୁଥିଲେ ହରଷେ ଭରେ

ଜଗନ୍ନାଥଙ୍କ କରୁଣାରେ.. ନଫୁଟିବ କଣ୍ଟା ପାଦରେ.. ଝୁଲି ଝୁଲି..

ଗୀତା ଭାଗବତ ବାଣୀ,  ହେଉ ଆମ  ମଥାମଣି

ଭବ ସାଗର ତରଣୀ,  ଚଳାଇବେ ବେଣୁପାଣି

ଏତିକି ମିନତି.. ଆହେ ଲକ୍ଷ୍ମୀପତି

ନୂଆ ବର୍ଷେ ପ୍ରଣତି ଢାଳେ... ମନ ରହୁ ଚରଣ ତଳେ..

ଦେଇ ତବ ଆଶିଷ ବାରେ.. ସବୁରିଙ୍କୁ ରଖ ଶୁଭରେ.. ଝୁଲି ଝୁଲି...

*****

ପ୍ରାଚୀ ବିହାର, ପଳାଶୁଣି,

ଭୁବନେଶ୍ୱର

# ପ୍ରେମ ପିପାସୁ

ଦମୟନ୍ତୀ କିଶାନ

ଯଉବନ ତୁମ ନବ ପ୍ରସ୍ଫୁଟିତ ପଦ୍ମ
ରୂପରେ ଝରେ ମିଠା ଅଙ୍ଗୁର ରସ
ପିଇବାକୁ ମୁଁ ଯେ ପାଗଳ ଭଅଁର
ଏଇତ ପିଇବାର ବୟସ ||

ଆଖି ଦୁଇଟି ତମ ସୁନା ହରିଣୀ
ଓଠ ଯେ ତୁମର ପ୍ରେମ ମଧୁଶାଳା
ପିଇବାକୁ ଥରେ ଦିଅ ଅନୁମତି
ପିଇବାରେ କେବେ କରିବିନି ହେଳା ||



କଥାରେ ତୁମର କି ନିଶା ଅଛି
ଶୁଣିଲେ ହେଇଯାଏ ମୁଁ ମତ୍ତ
ତୃଷ୍ଣା ମୋ'ର ବଢି ବଢି ଯାଉଛି
ପିଆଇ ଦେଇ ଥରେ କରିଦିଅ ଶାନ୍ତ ॥

ଓଠର ନଈ ମୋ' ଯାଇଛି ଶୁଖି
ବରଷେଇ ଦିଅ ପ୍ରେମ ବରଷା ଥରେ
ପ୍ରେମ ତୃଷ୍ଣାରେ ପୀଡିତ ପିପାସୁ ମୁଁ
ପିଇଯିବି ସବୁ ଗୋଟେ ନିଃଶ୍ୱାସରେ ॥

ଆସ ଚାଲିଯିବା ବହୁଦୂରେ
ସେଇଠି କେବଳ ଆମେ ଦି'ଜଣ
ଭାସି ଯାଉଥିବା ପ୍ରେମ ନଉକାରେ
କରି ପ୍ରେମ ଭରା ଆଲିଙ୍ଗନ ॥

*****

ସୁନ୍ଦରଗଡ

# ଗଦ୍ୟ ବିଭାଗ

*"ବୟସ କେବେ ବି କୌଣସି ଯୋଗ୍ୟତାର ପରିମାପକ ନୁହେଁ, କାରଣ ଯଦି ହୋଇଥାଆନ୍ତା ତେବେ ଅଳ୍ପ ସମୟ ପାଇଁ ଫୁଟୁଥିବା ଫୁଲର ମହତ୍ତ୍ୱ ରହି ନ ଥାଆନ୍ତା ।"*

**- ଶୁଭଲକ୍ଷ୍ମୀ ବିରଞ୍ଚି ଦାସ**

# ଇମିଟେସନ ଚୁଡ଼ି

ରୋଜା ପଣ୍ଡା

ସାବିତ୍ରୀ ମ୍ୟାଡମ୍ ଆମ ପାଖ ପଡୋଶୀ । ଖୁବ ବଡଲୋକ ସେମାନେ । ତାଙ୍କ ସ୍ୱାମୀ ପୋଲିସ ବିଭାଗର ଜଣେ ଉଚ୍ଚ କର୍ମଚାରୀ । ପେଶାରେ ପୋଲିସ ହେଲେ ବି ଖୁବ ଶାନ୍ତ ସ୍ୱଭାବର ଲୋକ ଏବଂ ଖୁବ ଦୟାଳୁ ମଧ୍ୟ ପୋଲିସ ବାବୁ । ତାଙ୍କର ଦୁଇଟି ଝିଅ ଆଉ ଗୋଟିଏ ପୁଅ । ପୁଅ, ଝିଅମାନେ ବଡ ବଡ ସ୍କୁଲରେ ପାଠ ପଢ଼ନ୍ତି । କଥା କଥାରେ ଇଂରାଜୀ କୁହନ୍ତି । ମ୍ୟାଗି, ଚାଓମିନ୍, ପିଜା ହେଉଛି ତାଙ୍କର ସକାଳର ଜଳଖିଆ । ସାବିତ୍ରୀ ମ୍ୟାଡମ୍ ପ୍ରତିଦିନ କିଛି ପାର୍ଟିରେ ବ୍ୟସ୍ତ ରୁହନ୍ତି । ଘର କାମ କରିବାକୁ ତାଙ୍କୁ ସମୟ ନଥାଏ । ସମୟ ହେବ ବା କେଉଁଠୁ ? ଦିନରେ ଦୁଇଥର ହାତ ଆଉ ଗୋଡରେ ନେଲପଲିସ୍ ଲଗାଇବା ତାଙ୍କର ନିତିଦିନିଆ ଅଭ୍ୟାସ । ଭଳି ଭଳି ମ୍ୟାଚିଂ ଚୁଡ଼ି, କାନଫୁଲ, ନେକଲେସ୍

ସାଙ୍ଗଙ୍କୁ ଅତ୍ୟାଧୁନିକିଆ ବ୍ଲାଉଜ, ମ୍ୟାଚିଂ ଶାଢ଼ୀ ଓ ହାଇହୀଲ୍ ପିନ୍ଧି ସେ ସାରାଦିନ ସଜେଇ ହୁଅନ୍ତି । ଏସବୁରୁ ଫୁରସତ ମିଳିଲେ ସିନା ସାବିତ୍ରୀ ମ୍ୟାଡମ୍ ଘରକାମ କରିବେ । ସେଥିପାଇଁ ପୋଲିସ ବାବୁ ବାଧ୍ୟହେଇ ଚମ୍ପାକୁ ରଖିଲେ ଘରକାମ ପାଇଁ । ଚମ୍ପା ପନ୍ଦର କି ଷୋହଳ ବର୍ଷର ଝିଅଟିଏ । ଖୁବ ଗରିବ ଘରର ଝିଅ । ତା ମାଆ ମରିଗଲା ପରେ ବାପାଙ୍କ ନିର୍ଯାତନା ସହି ନପାରି ଘର ଛାଡି ଆସି ଷ୍ଟେସନରେ ଜରି ଗୋଟେଇ ନିଜର ଗୁଜୁରାଣ ମେଣ୍ଟଉଥିଲା । ଦିନେ ପୋଲିସ ବାବୁ ଡିଉଟି କରୁଥିବା ସମୟରେ ତାକୁ ଦେଖି ନିଜ ଘରକୁ ନେଇଆସିଥିଲେ । ଭାବିଥିଲେ ଗରିବ ଛୁଆଟାକୁ ପାଠ ପଢ଼ାଇବେ କିନ୍ତୁ ସାବିତ୍ରୀ ମ୍ୟାଡମ୍ ତାଙ୍କୁ ଘର କାମରେ ଲଗାଇଦେଲେ । ଚମ୍ପା ଘରର ସବୁକାମ କରେ । ଅଇଁଠା ବାସନ ମାଜେ, ଘର ଝାଡୁ କରେ, କପଡା ସଫା କରେ ଏମିତିକି ବେଳେ ବେଳେ ପିଲାଙ୍କ ଜୋତା ମଧ୍ୟ ପଲିସ୍ କରିଦିଏ । ଏତିକି ଟିକିଏ ଛୁଆ ହାତରେ ଏତେ ବଳ କୋଉଠୁ ଆସେ କେଜାଣି ? ପୋଲିସ ବାବୁ ଚମ୍ପାକୁ ଖୁବ ଭଲ ପାଆନ୍ତି ଠିକ୍ ନିଜ ଝିଅପରି । କିନ୍ତୁ ଘରର ବାକି

ସମସ୍ତେ ଚମ୍ପାକୁ ବୋହୁତ ଗାଳି କରନ୍ତି, କଥା କଥାରେ ତା'ର ଭୁଲ୍ ଖୋଜନ୍ତି । ଘରର ବଳକା ବାସି ଖାଦ୍ୟ ଖାଇବାକୁ ଦିଅନ୍ତି ଚମ୍ପାକୁ । କିନ୍ତୁ ସେ ଦୁଃଖ କରେନି, ଯାହା ମିଳେ ଚୁପ୍ଚାପ୍ ଖାଇଦେଇ ନିଜ କାମରେ ଲାଗିପଡ଼େ । କାମରୁ ଟିକିଏ ଫୁରସତ ମିଳିଲେ ପୋଲିସ ବାବୁ ଆଣିଦେଇଥିବା ବହି ପଢେ । ଖୁବ ବିଶ୍ୱାସୀ ଚମ୍ପା । ଘରର କୌଣସି ଦାମୀ ଜିନିଷ ବାହାରେ ପଡିଥିବାର ଦେଖିଲେ ତାକୁ ଆଣି ଝାଡ଼ିଝୁଡ଼ି ସାବିତ୍ରୀ ମ୍ୟାଡମଙ୍କ ହାତକୁ ବଢାଇଦିଏ । କୋଉ ଜିନିଷରେ ତା'ର ଲୋଭ ନଥାଏ । ନିଜ ଜିନିଷ କହିଲେ ତା'ର ଗୋଟେ ଚିରା ପୁଟୁଳି । ସେଇଥିରେ ଥାଏ ଦୁଇହଳ ପୁରୁଣା ଜାମା, ଦୁଇ କି ତିନି ଖଣ୍ଡ ପୁରୁଣା ବହି, ତା ମାଆର ଗୋଟେ ଫୋଟୋ ଆଉ ଗୋଟିଏ ଛୋଟିଆ ନାଲି କନାରେ ବନ୍ଧା ହେଇଥିବା କିଛି ଜିନିଷ । ବୋଧହୁଏ ତା ମାଆର ଅସ୍ଥି ହେଇଥିବ । ବାସ୍ ଆକୁ ଛାଡ଼ି ଚମ୍ପାର ଗୋଟିଏ ଦରଛିଣ୍ଡା ମଶିଣା । ଯାହା ସେ ରାତିରେ ଶୋଇବା ପାଇଁ ବ୍ୟବହାର କରେ ।ପ୍ରତିଦିନ ଚମ୍ପା ଶୋଇବା ପୂର୍ବରୁ ତା ମାଆର ଫୋଟୋକୁ କାଢି ଦେଖେ, ସେଇ

ନାଲିରଙ୍ଗର କନାକୁ ଖୋଲି ସେଥିରେ ଥିବା ଜିନିଷକୁ ଛୋଟ ପପି ଗୋଟେ ଦେଇ ପୁଣି ରଖିଦିଏ । ଏହା ହିଁ ତା'ର ନିତିଦିନର କାର୍ଯ୍ୟ । ଆଜି ରବିବାର । ଅଫିସ ଛୁଟି । ପୋଲିସ ବାବୁ ବସି ଖବରକାଗଜ ପଢୁଛନ୍ତି । ଚମ୍ପା ଚା ନେଇ ଆସିଲା । ହାତରେ ପିନ୍ଧିଥିଲା ହଳଦୀ ରଙ୍ଗର ଦାଉ ଦାଉ ହେଇ ଜଳୁଥିବା ଦୁଇପଟ ଚୁଡ଼ି । ଚମ୍ପା ପୋଲିସ ବାବୁଙ୍କୁ ପ୍ରଣାମ କଲା । ଚମ୍ପା ହାତରେ ଥିବା ଚୁଡ଼ି ଦୁଇପଟ ଦେଖି ପୋଲିସ ବାବୁ ସ୍ମିତହାସ୍ୟ ଦେଇ କହିଲେ -ଆରେ ଚମ୍ପା ଚୁଡ଼ି ଦୁଇପଟ ତୋ ଗୋରା ହାତକୁ ଖୁବ ଭଲ ମାନୁଛି । ହେଲେ ଟିକେ ବଡ ହେଇଗଲା । ଆଉ ଟିକେ ଛୋଟ ମାନେ ତୋ ହାତ ମାପର କିଣିଲୁନି ? ଚମ୍ପା ପୋଲିସ ବାବୁଙ୍କ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ପଛରୁ କାହାର କର୍କଶ ସ୍ୱର ଶୁଣି ଚମକି ପଡ଼ିଲା । ସାବିତ୍ରୀ ମ୍ୟାଡମ୍ ଗର୍ଜନ କରି ଆସୁଛନ୍ତି - ତୋର ଏତେ ସାହାସ, ତୁ ମୋର ଚୁଡ଼ି ଚୋରି କରିବୁ । ରହ ଆଜି ତୋ ମଜା ବୁଝୁଛି, ତୋ ଜନ୍ମଦିନ ଛଡାଉଛି । ଚୋରଣୀ ଚମ୍ପା । ଏସବୁ ଶୁଣି ପୋଲିସ ବାବୁ ବୁଝିଗଲେ ଯେ ଆଜି ଚମ୍ପାର ଜନ୍ମଦିନ । ହେଲେ ସେ ଛୋଟ ପିଲାଟା କ'ଣ କଲା ଯେ ?

ଏ ସାବିତ୍ରୀ ତାକୁ ଚୋରଣୀ ବୋଲି ଆକ୍ଷେପ କରୁଛନ୍ତି । ସାବିତ୍ରୀ ମ୍ୟାଡମ୍ ଚମ୍ପାର କାନ ମୋଡି କହିଲେ -ଏଇ ଚୋରଣୀ, ମୋ ଦାମୀ ଇମିଟେସନ ଚୁଡ଼ି ଚୋରି କରି ନିଜେ ପିନ୍ଧିଛୁ । କୋଉଠୁ ଚୋରି କଲୁ କହ ? ଆଉ କ'ଣ ଚୋରି କରିଛୁ ଦେ, ଶୀଘ୍ର ଦେ, ନହେଲେ ତତେ ପୋଲିସରେ ଦେବି । ଚମ୍ପା କାନ୍ଦି କାନ୍ଦି ବିକଳରେ କହୁଥାଏ - ନା ମୁଁ ଚୋରି କରିନି । ଏଇଟା ମୋର । ମୁଁ ଦେବିନି । ଏଇଟା ମୋ ଚୁଡ଼ି । ଏଇଟା ମୋର । ଏସବୁ ଶୁଣି ପୋଲିସ ବାବୁ ସାବିତ୍ରୀ ମ୍ୟାଡମଙ୍କୁ କହିଲେ -କାହିଁକି ଛୋଟ ପିଲାଟା ସହିତ ଲାଗିଛ, ସେ କାହିଁକି ତୁମ ଇମିଟେସନ ଚୁଡ଼ି ଚୋରି କରିବ ? ଦେଖ ତମେ ଆଉ କୋଉଠି ରଖିଥିବ ? ପୋଲିସ ବାବୁଙ୍କ କଥାର ଉତ୍ତରରେ ସାବିତ୍ରୀ ମ୍ୟାଡମ କହିଲେ - ତମେ ଦେଖ ମୋ ଚୁଡ଼ି ବକ୍ସ ଖାଲି ପଡିଛି । ଆଉ ସେ ଚମ୍ପା ଯେଉଁ ଚୁଡ଼ି ପିନ୍ଧିଛି ସେଇଟା ମୋ ମାପର । ଏମିତି କହୁ କହୁ ଚମ୍ପାର ହାତରୁ ଚୁଡ଼ି ଦୁଇପଟ ଟାଣିନେଇ ନିଜ ହାତରେ ପିନ୍ଧିଦେଇ କହିଲେ - ଦେଖୁନ ଦେଖ, ଏଇ ଚୁଡ଼ି ଦୁଇପଟ କେମିତି ମତେ ପୁରା ଠିକ୍ ହେଉଛି ।

ଯଦି ଏଇଟା ମୋ ଚୁଡ଼ି ନୁହେଁ ତେବେ ମୋ ଚୁଡ଼ି ବକ୍ସରୁ ଚୁଡ଼ି କୁଆଡେ ଗଲା ? ଆଉ ଏତେ ଦାମୀ ଚୁଡ଼ି ଚମ୍ପା କୋଉଠୁ ଆଣିଲା ? ଏସବୁ ଶୁଣି ପୋଲିସ ବାବୁ ଚମ୍ପାକୁ କହିଲେ - ଚମ୍ପା ତୁ ଶେଷରେ ତୋ ମାଆର ଚୁଡ଼ି ଚୋରି କଲୁ ? ମୋ ମୁଣ୍ଡ ତଳକୁ କରିଦେଲୁ ଛିଃ ଛିଃ... ଚମ୍ପା କାନ୍ଦି କାନ୍ଦି କହିଲା ମୁଁ ଚୋରି କରିନି ବାବୁ, ମତେ ବିଶ୍ୱାସ କର, ମାଆ ମତେ ଏଇଟା ଦେଇଥିଲେ, ମୁଁ ଚୋରି କରିନି, ମୁଁ ସତ କହୁଛି । ହେଲେ କେହି ତା କଥା ଶୁଣିଲେ ନାହିଁ । ଏମିତି ଚୋରି, ପ୍ରମାଣ ଖୋଜାରେ ପୁରା ଦିନଟା ଚାଲିଗଲା । ସମସ୍ତେ କିଛି ନା କିଛି ଖାଇ ଶୋଇବାକୁ ଗଲେ କିନ୍ତୁ ଚମ୍ପା ସେମିତି ବାରଣ୍ଡାରେ ପଡିଥାଏ । ପୋଲିସ ବାବୁ ଭାବୁଥିଲେ ସତରେ କଣ ଚମ୍ପା ଚୋରି କରିପାରିବ ? ଆଉ ଯଦି ସେ ଚୋରି କରିନି ତେବେ ଏତେ ଦାମୀ ଇମିଟେସନ ଚୁଡ଼ି ସେ ପାଇଲା କେଉଁଠୁ ? ଏସବୁ ଭାବୁ ଭାବୁ ପୋଲିସ ବାବୁଙ୍କର ମନେ ପଡ଼ିଲା ଯେ ଚମ୍ପା ସେତେବେଳେ ଚିତ୍କାର କରି କହୁଥିଲା, ମତେ ଏଇ ଚୁଡ଼ି ମାଆ ଦେଇଛନ୍ତି ବୋଲି । ସେ ସଙ୍ଗେସଙ୍ଗେ ସତ ଜାଣିବା ପାଇଁ ଚମ୍ପା ପାଖକୁ ଦୌଡିଲେ ।

ଚମ୍ପା ସେତେବେଳକୁ ନିଜ ମାଆର ଫୋଟୋକୁ ଛାତିରେ ଚାପି ଧରି କାନ୍ଦି କାନ୍ଦି ବାରଣ୍ଡାରେ କେଉଁ ଏକ କୋଣରେ ଶୋଇପଡିଛି । ପୋଲିସ ବାବୁ ଧୀରେ ଧୀରେ ଚମ୍ପା ପାଖକୁ ଗଲେ । ତା ଛାତିରେ ଲାଗିରହିଥିବା ଫୋଟୋକୁ କାଢ଼ିଲେ ଆଉ ଦେଖିଲେ ସେଇ ଫୋଟୋଟି ଜଣେ ସ୍ତ୍ରୀ ଲୋକର । ଗୋରା ତକତକ ଚେହେରା । ବିଲକୁଲ ଚମ୍ପାର ଗଢ଼ଣ ପରି । ଇଏ ଚମ୍ପାର ମାଆଙ୍କ ଫୋଟୋ । ହେଲେ ହାତରେ ସେଇ ଏକା ପ୍ରକାର ଚୁଡ଼ି ଦୁଇପଟ । ପୋଲିସ ବାବୁ ଆଶ୍ଚର୍ଯ୍ୟ ହେଇ ଚମ୍ପାର ପୁଟୁଳିଟିକୁ ତନ୍ନ ତନ୍ନ କରି ଦେଖିଲେ । ସେ ଯେଉଁ ନାଲି କନାରେ ଚମ୍ପାର ମାଆଙ୍କ ଅସ୍ଥି ଥିବ ବୋଲି ଭାବୁଥିଲେ ସେଥିରେ ଗୋଟେ ଚୁଡ଼ିବକ୍ସ ଥିଲା ଆଉ ଖଣ୍ଡେ ଚିଠି ଥିଲା । ପୋଲିସ ବାବୁ ସେଇ ଚିଠିଟିକୁ ଖୋଲିଲେ । ଚିଠିରେ ଲେଖାଥିଲା -" ପ୍ରିୟର ଚମ୍ପା, ତୋ ବାପା ମଦ ପିଇବା ପାଇଁ ଘରର ସବୁ ଜିନିଷ ବିକ୍ରି କରିସାରିଲେଣି । ମୋ ପାଖରେ ତତେ ଦେବାପାଇଁ କିଛି ନାହିଁ । ଏଇ ଚୁଡ଼ି ଦୁଇପଟ ଶେଷ ସନ୍ତକ । ଏଇଟା ଖାଣ୍ଟି ସୁନା । ତୋ ବାପା ବଞ୍ଚିଛନ୍ତି ଯେତେବେଳେ ମୁଁ ସଧବା । ଆଉ ସଧବାମାନେ କେବେ

ହାତ ଖାଲି କରିବା କଥା ନୁହେଁ । ହେଲେ ମୁଁ ସଧବା ରହି ଲାଭ କ'ଣ ? କେତେଦିନ ଯାଏ ଏଇ ଚୁଡ଼ି ଦୁଇପଟକୁ ତୋ ବାପାଙ୍କ ଠାରୁ ଲୁଚେଇ ରଖିବି । ସେ ଯେଉଁଦିନ ମୋ ହାତରେ ଏଇ ଚୁଡ଼ି ଦେଖିବେ ମଦ ପିଇବା ପାଇଁ ନିଜ ହାତରେ ମତେ ବିଧବା ସଜେଇ ମୋ ହାତରୁ ଖୋଲି ନେଇଯିବେ । ସେଥିପାଇଁ ଏଇଟା ମୁଁ ଏକ ନାଲି କନାରେ ଗୁଡେଇ ବାଡି ପଟେ ପୋତିଦେଉଛି । ତୋ ଜନ୍ମଦିନରେ ତ ତତେ କିଛି ଦେଇପାରିଲିନି । ଆରବର୍ଷ ଜନ୍ମଦିନରେ ତୁ ଏଇ ଚୁଡ଼ି ଦୁଇପଟ ପିନ୍ଧିବୁ । ହଁ ଏଇଟା ତତେ ଟିକେ ବଡ ହେବ, ହେଲେ ତୁ ବ୍ୟସ୍ତ ହବୁନି । ତୁ ଯେତେବେଳେ ମୋ ବୟସର ହେଇଯିବୁ ତତେ ଏଇ ଚୁଡ଼ି ଦୁଇପଟ ଠିକ୍ ହେବ । ମୁଁ ମରିଗଲାପରେ ତୁ ମତେ ଏଇ ଚୁଡ଼ିରେ ଦେଖିବୁ ଆଉ ଭାବିବୁ ତୋ ମାଆ ତୋ ପାଖରେ ଅଛି । ଇତି ତୋର ଅଭାଗିନୀ ମାଆ" । ପୋଲିସ ବାବୁ ଏସବୁ ପଢି ଦୁଃଖରେ ଭାଙ୍ଗିପଡିଲେ । ଆଉ ସ୍ୱଷ୍ଟ ଭାବରେ ଜାଣିଗଲେ ଯେ ଚମ୍ପା ଚୋରି କରିନି । ସେ ଚମ୍ପାକୁ ଭୁଲ୍ ମାଗିବା ପାଇଁ ତାକୁ ନିଦରୁ ଉଠାଇବାକୁ ଚେଷ୍ଟା କଲେ । ହେଲେ ଏ କ'ଣ ?

ଚମ୍ପାକୁ ଯେତେ ଡାକିଲେ ବି ସେ ଉଠୁନି । ହାତ ଗୋଡ଼ ନାଠି କରି ପଡିଛି । କିଛି ସମୟ ପୋଲିସ ବାବୁ ଚମ୍ପାକୁ ନିରେଖି ଜାଣିବାକୁ ପାଇଲେ ଯେ ଚମ୍ପା ଆଉ ନାହିଁ । ସମସ୍ତଙ୍କୁ ଛାଡି ଆରପାରିକୁ ମାନେ ତା ମାଆ ପାଖକୁ ଚାଲିଯାଇଛି । ସକାଳ ହେଲା । ସାବିତ୍ରୀ ମ୍ୟାଡମ୍ ରେଡି ହେଇ ଚମ୍ପା ଠାରୁ ଛଡେଇ ନେଇଥିବା ଚୁଡ଼ି ପିନ୍ଧି କର୍କଶ ଗଳାରେ ଚିତ୍କାର କରି ଡାକି ଡାକି ଆସିଲେ - ଆଲୋ ହେ ଚୋରଣୀ ଚମ୍ପା, ଆଜି ଚା' ଜଳଖିଆ ଦେବୁନି କି ? ପୋଲିସ ବାବୁ ସେତେବେଳକୁ ଚମ୍ପାର ମର ଦେହଟାକୁ କାନ୍ଧରେ କାନ୍ଧେଇ ବାଡିପଟ ଆଡକୁ ଯାଉଥିଲେ । ବାଡିପଟ ଝରକା ପାଖେ ଦେଖିଲେ ସାବିତ୍ରୀ ମ୍ୟାଡମଙ୍କ ହଜିଯାଇଥିବା ଇମିଟେସନ ଚୁଡ଼ି ଦୁଇପଟ ପଡିଛି । ପୁରାପୁରି ରଙ୍ଗ ଛାଡିଯାଇଛି ସେଇ ଚୁଡ଼ି ଦୁଇପଟରୁ । ତା ସାଙ୍ଗରେ ସାବିତ୍ରୀ ମ୍ୟାଡମଙ୍କର କିଛି ପୁରୁଣା ରଙ୍ଗ ଛଡା ଇମିଟେସନ ଗହଣା ମଧ୍ୟ । ଏସବୁ ଦେଖି ପୋଲିସ ବାବୁ ଭାବୁଥିଲେ "ଏଇ ସ୍ତ୍ରୀ ଲୋକମାନେ କିଛିଟା ଅପ୍ରାକୃତିକ ଦାମୀ ଜିନିଷର ଲୋଭ ଫଳରେ ଜୀବନରେ ଅନେକ ପ୍ରାକୃତିକ ମୂଲ୍ୟବାନ ଜିନିଷ ହରାନ୍ତି ।

ଏଇ ଯେମିତି ସୁନା ଲୋଭରେ ସ୍ୱୟଂ ଲକ୍ଷ୍ମୀଙ୍କୁ" ।

*****

ପୂର୍ଣ୍ଣାନନ୍ଦ ଭବନ,
ନେତାଜୀ ନଗର,
ମଧୁପାଟଣା, କଟକ


www.store.preranaodia.com

Prerana e-Store

The ultimate bookshop

“ସପ୍ତଶଯ୍ୟା” ଏବେ ପ୍ରେରଣା ଇ-ଷ୍ଟୋରରେ ଉପଲବ୍ଧ ।
ନିମ୍ନୋକ୍ତ କୁପନ୍ କୋଡ୍ ବ୍ୟବହାର କରି ୧୦% ରିହାତି ପାଆନ୍ତୁ ।



10% OFF COUPON CODE - PRERANA01

DHRUBATARA PUBLICATIONS
BOOK TITLE- SAPTASAJYA
ISBN- 978-81-942801-0-1
PRICE Rs - 80/-

* TERMS AND CONDITIONS MAY APPLY

# ଭାବ ବିନୋଦିଆ

ବନାଲି ଦାଶ

ଜୀବନର ନାନାଦି ବ୍ୟସ୍ତତା ଭିତରେ ସିପ୍ରା ସବୁବେଳେ ଭୁଲିବାକୁ ଇଚ୍ଛା କରି ବି ସଫଳ ହୁଏନି ଯେ, ବାହାଘରର ବେଶ୍ କିଛି ବର୍ଷ ପରେ ବି ତା' କୋଳ ଶୂନ୍ୟତାରେ ଆଚ୍ଛାଦିତ। ମରୁ ମରୀଚିକାରେ ସମ୍ମୋହିତ ହେଲା ଭଳି ବେଳ ଅବେଳରେ ପାଟିରୁ ତା'ର ଭାସିଆସେ କେଇପଦ ଲୋରୀ । ସତେ ଯେମିତି କୋଉ କୋମଳମତୀ ଟିଏ ଶୋଇପଡୁଛି ତା'ର ସେଇ ମିଠା ଗୀତର ରାଗିଣୀ ଛନ୍ଦେ ଛନ୍ଦେ । ପିଲା ଟି ଦିନରୁ ତା' ଈଶ୍ୱର ବିଶ୍ୱାସୀ ମନ ସଂସାର ପାଇଁ ଅନାଥ ହେଇକି ବି, ନିଜକୁ ଅନାଥ ମଣିନି । କାରଣ ସବୁବେଳେ ସେଇ ଗୋଟାଏ ଭାବନାର ଆଢୁଆଳରେ ରହି ନିଜକୁ ଖୁସି କରିନେଇଛି ସେ କି ତା' ପଛରେ ତା' କାଳିଆ ଅଛି ।

ଆଉ ତା'ର କ'ଣ ବା ଲୋଡ଼ା । ସୁନ୍ଦର ଫୁଲ ଟିଏ ବିକଶିତ ହେଇ ଆଖପାଖର ଖଣ୍ଡ ମଣ୍ଡଳକୁ ମହକାଇଲା ପରି ଅନାଥାଶ୍ରମର ପରିବେଶ ଟା ଦିନେ ମହକିତ ହଉଥିଲା ତା'ରି ପାଇଁ । ଆଶ୍ରମର ଅନ୍ତେବାସୀ ଆଉ ପ୍ରତିଟି ଚିହ୍ନା ଅଚିହ୍ନା ଚେହେରା ପାଇଁ ସେ ଥିଲା ରୀତିମତ୍ ହସର ଖୋରାକ୍ ଟିଏ । ଆଶ୍ରମର କିଛି ଗୋଟାଏ ଫଙ୍କସନ୍ ରେ ଯୁବ ଅତିଥି ଥିଲେ ବିନୋଦ' । ସେଇଠି ମୁହାଁମୁହିଁ ହେଇଥିଲା ସେ ତାଙ୍କ ସହ । ଅଳ୍ପ କିଛି ଆଳାପ, ପରେ କେତେଥରର ପ୍ରେମପୂର୍ଣ୍ଣ ଦେଖାସାକ୍ଷାତରେ ପରସ୍ପର ପରସ୍ପର ପ୍ରତି ଆକୃଷ୍ଟ ହୋଇ ଈଶ୍ୱରଙ୍କୁ ସାକ୍ଷୀ ରଖି ସେମାନେ ହେଇଗଲେ ସାରା ଜୀବନ ପାଇଁ ସାଥୀ । ବେଶ୍ ହସ ଖୁସିରେ ଚାଲୁଥିଲା ଦିନ ଗୁଡ଼ା । ଠାକୁରଙ୍କ ଦିଆ ସବୁ ଥିଲା ତାଙ୍କ ପାଖେ, ନଥିଲା ତ କେବଳ କୁଆଁ କୁଆଁ ଡ଼ାକ ଟିକେ । ଦୁଃଖୀ ହେଇ ବି ଜାହିର୍ କରନ୍ତିନି ଦୁଃଖ ବିନୋଦ, ଅଭିନୟ କରିଥାନ୍ତି ସିପ୍ରା ପାଖେ, କିନ୍ତୁ ସିପ୍ରାକୁ ଦେଖି ସହି ବି ପାରନ୍ତିନି ସେ । ଟାଣୁଆ ପୁରୁଷର ମନ ଟା ବଳି ପଡ଼େ ଲୁହ

ପାଖେ, କିନ୍ତୁ ସିପ୍ରା ଆଖି ଆଢୁଆଳରେ । ଆଖି ମିଶିଗଲେ କିଛି ହେଲେ କହି ଭୁଲେଇ ଦିଅନ୍ତି ତା'କୁ । ଏମିତି ହେଇ ହେଇ ବେଶ୍ କିଛି ବର୍ଷ ବିତିଗଲାଣି । ସବୁଥର ସିପ୍ରାକୁ ବୋଧ ଦେଇ କହନ୍ତି ଆମ ପରସ୍ପରର ଭଲପାଇବା ଆଉ ଈଶ୍ୱରଙ୍କ ଆଶୀର୍ବାଦ ଅଛି ଆମ ସାଥେ । ଆଉ କିଛି ଦରକାର ନାହିଁ, କାହିଁ ବେଳ ଅବେଳରେ ଭାଙ୍ଗି ପଡୁଛ । ଦେଖିବ ସିଏ ସବୁ ଠିକ୍ କରିଦେବେ । କେତେ ଥର କହିଲାଣି ବିନୋଦଙ୍କୁ ପିଲାଟିଏ ଅନାଥ ଆଶ୍ରମରୁ ଆଣି ତା' କୋଳରେ ଦେବା ପାଇଁ । ହେଲେ ପ୍ରତିଥର ତାଙ୍କ ନାସ୍ତି ବାଣୀ ସାମ୍ନାରେ ହାର୍ ମାନିଯାଏ । ପୁଣି ବିତିଯାଏ ଦିନ ପରେ ଦିନ ଲୁହରେ ସାଇତା ଆଶା ସବୁକୁ ନେଇ । ଭାବି ପାରେନି କାଇଁ ମନା କରନ୍ତି ବିନୋଦ ତା'କୁ । କହନ୍ତି ଚିନ୍ତା କରନି, ତୁମ ଠାକୁରଙ୍କ ଉପରେ ଭରସା ରଖ, ସେ ସବୁ ଠିକ୍ କରିଦେବେ । ଇଚ୍ଛା ହୁଏ କହି ପକେଇବାକୁ, ସେ ବି ତ ପୁଣି ଅନାଥ ଟିଏ, ତାଙ୍କ ଗଳାମାଳି ହେଇଚି । ଜୀବନର ତାଳେ ତାଳେ କିଛି ନଥାଇ ବି ହସି ହସେଉଥିବା ସିପ୍ରା' ଏବେ

ଯେମିତି ଏକରକମର ସ୍ଥାଣୁ ପାଲଟି ଯାଇଛି, ଅପେକ୍ଷା କରି ରହିଛି ତ କାହାର କଅଁଳିଆ ଉଷୁମ୍ ଛୁଆଁ ଟିକେ, ଯାହା ତା' ଧୂରସହୀନ ଜୀବନକୁ ରସାଣିତ କରି ତୋଳିବ । ସବୁ ଦୁଃଖ ଯେମିତି ଛୁ ମନ୍ତର୍ ହେଇଯିବ । ସେଦିନ ରଥଯାତ୍ରା ପାଇଁ ବିନୋଦ କହିଯାଇଥିଲେ, ଶୀଘ୍ର ଫେରିଆସିବେ ଅଫିସ୍ ରୁ, ପ୍ରସ୍ତୁତ ହେଇ ରହିବାକୁ । ଠିକ୍ ସମୟରେ ଆସି ପହଁଚିଲେ ସିନା କିନ୍ତୁ ଆସି ସିପ୍ରାକୁ ପାଇଲେ ଡାକ୍ତରଖାନାରେ, ଆଉ ଦେଖିବାକୁ ପାଇଲେ ହାତରେ ତା'ର ଗୋଟାଏ ଖୁସି ଖବରର ଚିଠା । ନିଜକୁ ସମ୍ଭାଳି ନପାରି କୁଣ୍ଢେଇ ପକାଇଲେ ସିପ୍ରାକୁ ଆଉ କହି ପକେଇଲେ, "ଦେଖିଲ ସେ ଭାବ ବିନୋଦିଆ ପରା ଆମ ଘରକୁ ଲୀଳା ଖେଳା ପାଇଁ ଆସୁଛନ୍ତି, ଆମେ ଆଉ କାହିଁ ସେଠିକୁ ଯିବା ଯେ ..!"

*****

ବେଦାନ୍ତ ଟାଉନସିପ,

ଝାରସୁଗୁଡା

# ସମୟ ବଦଳୁଛି, ସମ୍ପର୍କ ମଧ୍ୟ

ତ୍ରିଲୋଚନ ଦାସ

ନୂଆ ନୂଆ କଥା କହି ଶିଖୁଥିବା ନାତି ଜଣକ କହିଲା, "ଜେଜେ ! ଖାଉଥିଲା ବେଳେ ମୋ ହାତରୁ ଚାମଚ ଖସି ପଡୁଛି" । ଜେଜେ କହିଲେ, "ହଁ ରେ ! ମୋର ବି ବେଳେବେଳେ ସେମିତି ହଉଚି "। ତା'ପରେ ନାତି ଜେଜେଙ୍କ କାନ ପାଖକୁ ଆସି ଫିସ୍ ଫିସ୍ କରି କହିଲା, "ଜେଜେ ! ବୋଉ କହୁଥିଲା, ମୁଁ କୁଆଡ଼େ ରାତିରେ ପ୍ୟାଣ୍ଟ ଓଦା କରି ଦଉଚି" । ଜେଜେ କହିଲେ, "ମୋର ବି ସେମିତି ହଉଚି "। ଏତିକି କହି ଜେଜେ ହୋ ହୋ ହୋଇ ହସିଉଠିଲେ । ଏଥର ନାତି କହିଲା, "ମୁଁ ବେଳେ ବେଳେ କାନ୍ଦେ" । ଜେଜେ ମୁଣ୍ଡ ହଲେଇ କହିଲେ, "ମୁଁ ବି" । ଏବେ ନାତି କହିଲା, "ସବୁଠାରୁ ଖରାପ କଥା କ'ଣ ଜାଣିଛ ଜେଜେ !,

ଏ ବଡ଼ ଲୋକମାନେ ମୋର କିଛି ବି ଖିଆଲ୍ ରଖୁନାହାନ୍ତି" । ଏଥର ଶିଶୁଟି ଗୋଟେ କମ୍ପିତ ଲୋମଶ ହାତର ଉଷ୍ମ ସ୍ପର୍ଶ ଅନୁଭବ କରିବା ସହିତ କ୍ଷୀଣ ସ୍ୱରଟିଏ ଶୁଣିଲା, "ମୁଁ ଠିକ୍ ବୁଝି ପାରୁଛି ଯେ ତୁ କ'ଣ କହିବାକୁ ଚାହୁଁଛୁ" । ଏହା ଥିଲା ଜଣେ ପ୍ରସିଦ୍ଧ ମାର୍କିନ୍ କଥାକାରଙ୍କ ଏକ ଲେଖାର ସାରାଂଶ ।

କଥାଟି ଏଇଠି ସରିଥିଲେ ବୋଧହୁଏ ଏହି ଆଲେଖ୍ୟଟିର ସୃଷ୍ଟି ସମ୍ଭବ ହୋଇ ନ ଥାଆନ୍ତା । ଏଣୁ ଜେଜେ-ନାତିଙ୍କ ସଂଳାପକୁ ଏଇଠି ବିରାମ ନଦେଇ ଆଜିର ପ୍ରେକ୍ଷାପଟ ପର୍ଯ୍ୟନ୍ତ ଏହାକୁ ପ୍ରଲମ୍ବିତ କରୁଛି ।

ନାତି କହିଲା, "ଜେଜେ !, ବାପା କହିଛନ୍ତି ଆଜି ମୋ ପାଇଁ ନୂଆ ଡ୍ରେସ୍ ଆଣିବେ, ତୁମ ପାଇଁ କ'ଣ ଆଣିବେ" ? ଏଥର ଜେଜେଙ୍କର ଜ୍ୟୋତିହୀନ ପରଳ ପଡିଥିବା ଆଖି ଯୋଡ଼ିକ ଆହୁରି ନିଷ୍ପ୍ରଭ ଦେଖାଗଲା, ଆଉ ସେଥିରୁ ଦୁଇ ଟୋପା ଲୁହ ଖସି ପଡ଼ିଲା । ପିଲାଟି କହିଲା, "ଜେଜେ !

ତୁମେ କାନ୍ଦୁଛ । ଛିଃ, ବଡ଼ ପିଲାମାନେ କ'ଣ କାନ୍ଦନ୍ତି" ? ଜେଜେ ନାତିକୁ ଛାତିରେ ଭିଡି ଧରି କହିଲେ, "ବୁଢ଼ା ହୋଇଗଲେ ଲୋକେ ପୁଣି ପିଲା ହୋଇଯାଆନ୍ତିରେ ! ଏଇ ଦେଖୁନୁ, ତୋର ଯେମିତି ହଉଚି, ମୋର ବି ସେମିତି ହଉଚି । ଏଥର ପିଲାଟି ପଚାରିଲା, "ଜେଜେ ! ସାନ ପିଲାମାନଙ୍କର ବାପା ଓ ଜେଜେ ଥାଆନ୍ତି, ତୁମେ ତ ବଡ଼ ପିଲା, ତୁମର କ'ଣ ବାପା ଆଉ ଜେଜେ ଅଛନ୍ତି" ? ଜେଜେ କହିଲେ, "ଅଲବତ୍ ଥିଲେ, କିନ୍ତୁ ସେମାନେ ଆଜି ଆଉ ନାହାନ୍ତି" । ଏଥର ପିଲାଟିର ପଚାରିବା କଥା ଯେ, "ତେବେ ସେମାନେ କୁଆଡ଼େ ଗଲେ, ଆମ ଘରେ କାହିଁକି ରହୁ ନାହାଁନ୍ତି, ଇତ୍ୟାଦି ଇତ୍ୟାଦି" ? କିନ୍ତୁ ତାହା ନ ପଚାରି, ଗୋଟେ ମୁରବୀ ପଣିଆ ଦେଖାଇ ପିଲାଟି ପଚାରିଲା, "ଜେଜେ ମୋତେ ଯେମିତି ବାପା ନୂଆ ଡ୍ରେସ୍ ଆଉ ଯୋତା ଆଣି ଦିଅନ୍ତି, ତୁମ ବାପା କ'ଣ ସେମିତି ଆଣି ଦଉଥିଲେ" ? ଜେଜେ କହିଲେ, "ଆଣି ଦେଉଥିଲେ ମାନେ ? ବାପା ହାଟକୁ ଗଲେ ନିଶ୍ଚୟ ମୋ ପାଇଁ ନୂଆ ଲୁଗା ଆଣୁଥିଲେ, ଆଉ ମୋ ପାଇଁ ଯେମିତି ଜିନିଷ ଆଣୁଥିଲେ ବୁଢ଼ା ଜେଜେଙ୍କ ପାଇଁ ବି ସେମିତି

ଜିନିଷ ଆଣିବାକୁ କେବେ ବି ଭୁଲୁ ନ ଥିଲେ । ଶୁଣିବୁ ! ଦିନେ କ'ଣ ହେଲା ନା ବାପା ସେ ଦିନ ହାଟକୁ ଯାଇଥିଲେ, କିନ୍ତୁ ମୋ ପାଇଁ କିଛି ଆଣି ନ ଥିଲେ । ମୁଁ ସେ ଦିନ ବାପାଙ୍କ ଉପରେ ମନେ ମନେ ବହୁତ ରାଗି ଗଲି, ଆଉ କିଛି ନ ଖାଇ ଶୋଇ ପଡ଼ିଲି । ବୋଉ ଆଉ ଜେଜେ ଯେତେ ଡାକିଲେ ବି ଶୁଣିଲି ନାହିଁ । ବାପା ହାଟରୁ ଫେରି ଗାଁ ନିଶାପକୁ ଯାଇଥିଲେ । ଫେରିଲା ପରେ ବୋଉଠୁ ସବୁ ଶୁଣି ମୋ ପାଖକୁ ଆସିଲେ, ଆଉ କେହି ନ ଶୁଣିଲା ଭଳି ଆସ୍ତେ କିନା କହିଲେ, "ମୁନା ! ମୋର ତ ଦୁଇ ପୁଅ, ଜଣକ ପାଇଁ ଆଣି ଆର ଜଣକ ପାଇଁ ନ ଆଣିଲେ ସେ ମନ ଦୁଃଖ କରିବ ନି ? ମୋ ପାଖରେ ଆଜି ଟଙ୍କା ନ ଥିବାରୁ ଦୁଇ ଜଣକ ପାଇଁ ଲୁଗା ଆଣି ପାରିଲି ନାହିଁ" । ମୁଁ ଆଉ ଗୋଟେ ଭାଇ କେଉଁଠୁ ଆସି ଭାଗ ବସେଇବା କଥା ଶୁଣି ଧଡପଡ ହୋଇ ଉଠି ପଡ଼ିଲି । ଆଉ ରାଗି ଯାଇ କହିଲି, "ମୋର ଆଉ କେହି ଭାଇ ଫାଇ ନାହିଁ । ତୁମେ ମୋତେ ଠକୁଛ" । ବାପା ଫିକ୍ କିନା ହସିଦେଇ କହିଲେ, "ଅଛି

ନା !, ତୁ ତାଙ୍କୁ ସବୁ ଦିନେ ଦେଖୁଛୁ, କିନ୍ତୁ ଚିହ୍ନି ପାରୁନୁ” । ବାପାଙ୍କ କଥା ମୋତେ ଭାରି କୌତୁକିଆ ଲାଗିଲା । ବାପାଙ୍କ ଆଖିକୁ ସିଧା ଅନେଇ ପଚାରିଲି, “କାହିଁ ? ସେ କେଉଁଠି ଅଛି” ? ବାପା କହିଲେ, “ଯାଉନୁ ଦେଖିବୁ ! ସେ ପିଣ୍ଡାରେ ବସିଛନ୍ତି” । ମୁଁ ଉଠିପଡ଼ି ସିଧା ଦାଣ୍ଡକୁ ଧାଇଁଲି । ଦେଖିଲି କେହି ନାହାନ୍ତି, ସେଠି ଜେଜେ ଗୋଟେ ଲଣ୍ଠନ ଜାଳି ବହି ପଢୁଛନ୍ତି । ମୁଁ ଜେଜେଙ୍କ ପାଖରେ ଠିଆ ହେଲି । ଜେଜେ ମୋତେ ଚାହିଁଲେ, କିନ୍ତୁ କିଛି ନ କହି ପୁଣି ବହି ପଢିବାରେ ମନ ଦେଲେ । ମୁଁ ଏଥର ଆହୁରି ରାଗିଗଲି, ଆଉ ଭୁଇଁରେ ଗୋଡ଼ କଚାଡି କହିଲି, “ଜେଜେ ! ତୁମେ ସବୁ ମୋତେ ଠକୁଛ । ବାପା ତ ନୂଆ ଲୁଗା ଆଣିଲେ ନାହିଁ, କହିଲେ କ'ଣ ନା, ତାଙ୍କର ଦୁଇ ପୁଅ । ଜଣକ ପାଇଁ ଆଣି ଆଉ ଜଣକ ପାଇଁ ନ ଆଣିଲେ ସେ କୁଆଡ଼େ ମନ ଦୁଃଖ କରିବ । ସେଥିଯୋଗୁଁ ସେ ମୋ ପାଇଁ କିଛି ଆଣି ନାହାଁନ୍ତି । ଏବେ ପୁଣି କହୁଛନ୍ତି କ’ଣ ନା ସେଇ ଆର ପୁଅ ଜଣକ ଏବେ ପିଣ୍ଡାରେ ବସିଛି ।

କିନ୍ତୁ ଦାଣ୍ଡରେ ତ ଖାଲି ତୁମେ ବସିଛ, ସେ କାହିଁ” ? ଏଥର ଜେଜେ କିଛି ନ କହି କେବଳ ମୁରୁକି ମୁରୁକି ହସିଲେ । ମୁଁ ଆହୁରି ରାଗିଯାଇ ଜେଜେଙ୍କ ଲଣ୍ଠନକୁ ଉଠେଇଲି ଆଉ ଜେଜେଙ୍କ ମୁହଁ ପାଖକୁ ନେଇ ଥଙ୍ଗା କଲା ଭଳି ପଚାରିଲି, “ତେବେ ତୁମେ କ'ଣ ବାପାଙ୍କର ସେହି ପୁଅ” ? ଏଥର ଜେଜେଙ୍କ ମୁହଁ ଉଜ୍ୱଳ ଦେଖାଗଲା, ଦେଖିଲି ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଝରି ପଡ଼ିଲା । ସେ ମୋତେ ତାଙ୍କର ଥରୁଥିବା ଦୁଇଟି ଶିରାଳ ହାତରେ କୁଣ୍ଢେଇ ଧରି ଯୋରରେ ହସିଲେ, ଆଉ କହିଲେ, “ପାଗଳାଟା” । ସେତେବେଳେ ମୁଁ ତୋ ଭଳି ସାନ ପିଲାଟେ ହୋଇଥିଲି । ତଥାପି ସେଥିରୁ ଏତିକି ବୁଝିଲି ଯେ ସବୁ ବାପା ତାଙ୍କ “ବାପା”ଙ୍କୁ ତାଙ୍କର ଆଉ ଜଣେ ପୁଅ ବୋଲି ଭାବନ୍ତି । ଏବେ ଜେଜେ କଥା ବନ୍ଦ କରି ନାତି ମୁହଁକୁ ଅନେଇ ଦେଖିଲେ ଯେ ସେ ଯେମିତି ଗୋଟେ ଗଭୀର ଭାବନାରେ ହଜିଯାଇଛି, ଠିକ୍ ଟିଭିରେ ହାରି ପୋର୍ଟର ଦେଖୁଥିବା ଭଳି । ପୂର୍ବ ଦିନ ଭଳି ସେଦିନ ପିଲାଟିର ବାପା ଅଫିସରୁ ଡେରିରେ ଫେରିଲେ ।

ତା ଆଗରୁ ତା'ର ମା' ଗାଡ଼ି ନେଇ ବାହାରକୁ ଯାଇଥିଲେ । ମା' ତା'ର ସେ ସବୁଦିନେ କୁଆଡ଼େ ଯାଆନ୍ତି, ଆଉ କେତେବେଳେ ଫେରନ୍ତି, ସେ କଥା କାହାକୁ ଜଣାନ୍ତି ନାହିଁ । ଅନ୍ୟ ଦିନ ହୋଇଥିଲେ ସେତେବେଳକୁ ପିଲାଟି ଜେଜେଙ୍କ ସାଙ୍ଗରେ ଖାଇ ତାଙ୍କ କୋଳରେ ଶୋଇ ପଡିଥାନ୍ତା, ଆଉ ବାପା ମା' ଭିତରୁ ଯିଏ ଆଗେ ଆସିଥାନ୍ତେ ତା'କୁ ଶୋଇବା ଘରକୁ ନେଇ ଯାଇ ଥାଆନ୍ତେ । ସେଦିନ କିନ୍ତୁ ସେ ଶୋଇଲା ନାହିଁ । ଜେଜେ ତା ପିଠି ଥାପୁଡ଼େଇ କହିଲେ, "ଶୋଇ ପଡ଼, ବାପା ଫେରିବାକୁ ଡେରି ହବ । ବାପା ଆଣିଥିବା ନୂଆ ଜିନିଷ କାଲି ସକାଳୁ ଦେଖିବୁ" । ପିଲାଟି କିନ୍ତୁ କହିଲା, "ଜେଜେ, ଆଜି ଜମା ନିଦ ଲାଗୁନି । ବାପା ଆସିଲେ ଶୋଇବାକୁ ଯିବି" । ଏତିକିବେଳେ ଗେଟ୍ ପାଖରେ ଗାଡ଼ି ହର୍ଣ୍ଣ ଶୁଣାଗଲା । କିନ୍ତୁ ଅନ୍ୟ ଦିନ ଭଳି ସେଦିନ ପିଲାଟି "ବାପା ଆସିଗଲେ" କହି ଦୌଡି ଗଲାନି, ବରଂ ଜେଜେଙ୍କ କୋଳରେ ଚୁପଚାପ୍ ଶୋଇ ରହିଲା । ବାପା ଆସିଲେ, ହାତରେ ଥିଲା ଗୋଟେ ସୁନ୍ଦର ପ୍ୟାକେଟ ।

ଦେଖିଲେ ପୁଅ ଶୋଇନାହିଁ । ଆଉ ଦିନ ହୋଇଥିଲେ ପିଲାଟି ବାପାଙ୍କ ହାତରୁ ପ୍ୟାକେଟଟା ଝାମ୍ପିନେଇ ବହେ ନାଚି ଯାଇଥାଆନ୍ତା । କିନ୍ତୁ ସେଦିନ ପିଲାଟି ଜେଜେଙ୍କ କୋଳରୁ ଉଠି ଛିଡ଼ା ହେଲା, କିନ୍ତୁ ବାପା ତା' ଆଡକୁ ବଢେଇ ଥିବା ପ୍ୟାକେଟଟି ନ ଧରି ପଚାରିଲା, “ବାପା ମୋ ଭାଇ ପାଇଁ ଆଉ ଗୋଟେ ପ୍ୟାକେଟ୍ କାହିଁ” ? ବାପା କହିଲେ, “ହ୍ୱାଟ୍ ନନସେନ୍ସ, ଆଉ ଗୋଟେ ଭାଇ କିଏ” । ପିଲାଟି ନିରବରେ ଜେଜେଙ୍କ ଆଡକୁ ଆଙ୍ଗୁଠି ଦେଖାଇ କହିଲା, “ଇଏ” । ବାପାଙ୍କ ଆଖି ଏବେ ଦପ୍ କିନା ଜଳି ଉଠି ଲିଭିଗଲା । ଜେଜେଙ୍କ ଆଡକୁ ଗୋଟେ କଠୋର ଦୃଷ୍ଟି ଫିଙ୍ଗି ଦେଇ କହିଲେ, “ଯେତେ ସବୁ ବାଜେ କଥା । ଚାଲ୍ ଶୋଇବୁ” । ପିଲାଟିର ହାତ ଧରି ବାପା ତାକୁ ଟାଣି ଟାଣି ଶୋଇବା ଘରକୁ ନେଇ ଯାଉଥିବା ବେଳେ ସେ ପଛକୁ ଚାହିଁ ଦେଖିଲା ଯେ ଜେଜେ ଅତି ଅସହାୟ ଭାବେ ଛିଡ଼ା ହୋଇଛନ୍ତି । ଆଜି ସେ ସବୁଦିନ ଭଳି "ଜେଜେଙ୍କୁ ଗୁଡ଼ ନାଇଟ୍" କହିବାକୁ ଭୁଲିଗଲା, ଆଉ ଜେଜେ ତା ଦୃଷ୍ଟିପଥରୁ ଅନ୍ତର ହେବା

ପର୍ଯ୍ୟନ୍ତ ଅତି ବିକଳରେ ଅନେଇ ରହିଲା ।

*****

ତୁଳସୀ ଚଉରା,
ବାରିପଦା





ସପ୍ତଶଯ୍ୟା ଗିରି ଅତି ମନୋରମ
ନୀଳ ଅଙ୍ଗ ଯା'ର ବିଶ୍ୱେ ଅନୁପମ ।
ନିଖିଳ ଉତ୍କଳ ପୁଣ୍ୟ-ଗଉରବ
ସ୍ତୂପାକାରେ ଯହିଁ ତୁମ୍ଭେ ନୀଳନଭ ॥

ଧ୍ରୁବତାରା ପବ୍ଲିକେଶନସ୍

# ପରୋପକାର

ସଂଯୁକ୍ତା କଲେତ

ଏକଦା ଏକ ଗାଁ ମୁଣ୍ଡରେ ଦୁଇଟି ବିରାଟ ଆମ୍ବଗଛ ଅତି ନିକଟରେ ଥିଲେ । ୧ମ ଗଛର ସ୍ୱଭାବ ଥିଲା ଭାରି ନମ୍ର ଓ ମିଷ୍ଟଭାଷୀ ଓ ୨ୟ ଗଛର ସ୍ୱଭାବ ଥିଲା ଅତି ଗର୍ବି ଓ ଅହଙ୍କାରୀ ।

ଦିନକର କଥା ଥରେ ରାଣୀ ମହୁମାଛି ତା ସାଙ୍ଗ ମହୁମାଛି ମାନଙ୍କୁ ଧରି ନୂଆ ମହୁଫେଣା ତିଆରି କରିବା ଲାଗି ଜାଗା ଖୋଜୁଥାଏ । ଠିକ୍ ସେହି ସମୟରେ ତାଙ୍କ ନଜର ସେହି ୨ୟ ଗଛ ଉପରେ ପଡିଲା । ସବୁ ମହୁମାଛି ମାନେ ଭାରି ଖୁସି ହୋଇଗଲେ ଓ ୨ୟ ଗଛ ପାଖକୁ ଯାଇ ଅନୁରୋଧ କଲେ - " ଭାଇ ! ଆମେ ତୁମ ଡାଳରେ ମହୁଫେଣା ତିଆରି କରିବାକୁ ଚାହୁଁଛୁ" ।

କିନ୍ତୁ ୨ୟ ଗଛ ତା ସ୍ୱଭାବ ବସତ ସଙ୍ଗେସଙ୍ଗେ ମନା କରିଦେଲା । ମାତ୍ର ପାଖରେ ଥିବା ୧ମ ଗଛ ଏ ଦୃଶ୍ୟକୁ ଦେଖି ମହୁମାଛି ମାନଙ୍କୁ ପାଖକୁ ଡାକି କହିଲା -" ତୁମେମାନେ ମନଉଣା କରନା, ତୁମେମାନେ ଯଦି ଚାହଁ ମୋ ଡାଳରେ ମହୁ ଫେଣା କରି ରୁହ ,ମୋତେ ଭାରି ଆନନ୍ଦ ଲାଗିବ" । ଏହାପରେ ମହୁମାଛି ମାନେ ୧ମ ଗଛକୁ କୃତଜ୍ଞତା ଜଣାଇ ତା ଡାଳରେ ମହୁ ଫେଣା କରି ରହିବାକୁ ଲାଗିଲେ ।

ଏମିତି କିଛିଦିନ ଗଲାପରେ ଦିନେ କିଛି ଖଳ କାଠ ବେପାରୀ ମହୁମାଛି ରହୁଥିବା ୧ମ ଗଛଟିକୁ କାଟିବାକୁ ବାହାରିଲେ, ହେଲେ ଠିକ ଗଛ କାଟିଲା ବେଳେ ସେମାନଙ୍କ ନଜର ମହୁଫେଣା ଉପରେ ପଡିଲା । ସେମାନେ ମହୁମାଛିମାନଙ୍କ ଆକ୍ରମଣ ଭୟରେ ଗଛ କାଟିବା ବନ୍ଦ କରିଦେଲେ ।ହେଲେ ସେମାନେ ନିକଟରେ ଥିବା ୨ୟ ଗଛଟି ଦେଖି ତାକୁ କାଟିବାକୁ କଥାହେଲେ । ଏ କଥା ୧ମ ଗଛ ଶୁଣିପାରିଲା ଓ ସେ ତା ଡାଳରେ ଥିବା ମହୁମାଛି ମାନଙ୍କୁ ଅନୁରୋଧ କଲା - "ଯାଅ ସେ ୨ୟ

ଗଛକୁ କାଠ ବେପାରୀ କବଳରୁ ରକ୍ଷା କର " । କାଳ ବିଳମ୍ବ ନ କରି ମହୁମାଛି ମାନେ ଆକ୍ରମଣ କରିବାକୁ ଲାଗିଲେ । ଏଥିରେ ଆହତ ହୋଇ କାଠ ବେପାରୀ ସେ ଜାଗା ଛାଡି ପଳାଇଗଲେ । ତାପରେ ୨ୟ ଗଛଟି ଖୁସିରେ ଗଦ ଗଦ ହୋଇ ମହୁମାଛି ମାନଙ୍କୁ କହିଲା -" ମୁଁ ଦିନେ ତୁମ ମାନଙ୍କୁ ମୋ ଡାଳରେ ମହୁ ଫେଣା କରିବାକୁ ଦେଇନଥିଲି, କିନ୍ତୁ ତଥାପି ଆଜି ତୁମେ ମୋତେ ନୂଆ ଜୀବନ ଦେଇଛ " । ଏହା ଶୁଣି ମହୁମାଛି ମାନେ କହିଲେ -"ଅସଲ ଧନ୍ୟବାଦର ପାତ୍ର ତ ୧ମ ଗଛ, ସେ ଆମକୁ ନ ପଠାଇ ଥିଲେ ଆମେ ଆସି ନଥାନ୍ତୁ । ଶେଷରେ ୨ୟ ଗଛଟି ଉଭୟ ୧ମ ଗଛ ଓ ମହୁମାଛି ମାନଙ୍କୁ କୃତଜ୍ଞତା ଜଣାଇଲା ।

*****


ପୋ - ଗାଇସିଲଟ

ଜିଲ୍ଲା - ବରଗଡ

# ମୋ ଭିତରେ ମୁଁ

ଲିପ୍ସା ଆଚାର୍ଯ୍ୟ

ଆସନ୍ନ ସଂଧ୍ୟା । କୀର୍ତ୍ତନ ବିଜୁ ପଟ୍ଟନାୟ ପାର୍କର ବେଞ୍ଚ ନମ୍ବର ୫ ରେ କାହାକୁ ଅପେକ୍ଷା କରି ବସିଥାଏ । ମଝିରେ ମଝିରେ ଉଠି ଯାଇ ପଦାଚରଣ କରୁଥାଏ । ଅପେକ୍ଷା କରିବାର ବିରକ୍ତି ତା' ମୁହଁରେ ବାରି ହେଇ ପଡୁଛି । ଦୀର୍ଘନିଶ୍ୱାସ ପରିତ୍ୟାଗ କରି ପୂର୍ବପରି ବେଞ୍ଚ ଉପରେ ବସି ହାତଘଡିକୁ ଅନାଉଥାଏ । ପାର୍କର ମୁଖ୍ୟ ଫାଟକ ଆଡକୁ ଅନାଉଥାଏ । କେଉଁଠେ ରହିଗଲା ଏ ଝିଅଟା । ମୁଁ ଏଠି ଅପେକ୍ଷା କରିଛି ବୋଲି କ'ଣ ଜାଣିନି । ଆଜି ରାତିରେ ଯେମିତି ହେଲେ ଭୁବନେଶ୍ୱର ଫେରିବାକୁ ପଡିବ । ମୁଁ ଫୋନ ରେ ତାଗିଦ୍ କରି କହିଲା ପରେ ବି ...!!



ଏ ଆଜିକାଲି ଛୁଆ ମାନଙ୍କ ସମୟ ଜ୍ଞାନ ନାହିଁ । ଅପେକ୍ଷା.. ଅପେକ୍ଷା.. ଅପେକ୍ଷା । ସତରେ ଏ ଦୁନିଆଁରେ "ଅପେକ୍ଷା " ନାମକ ଶବ୍ଦ ଆଉ ତା'ର କାମ କାହିଁକି ରହିଲା କେଜାଣି । ବୋଧହୁଏ ଏହି ଅପେକ୍ଷା ଜୀବନର ଧୈର୍ଯ୍ୟ ପରିକ୍ଷା । ଆଉ କିଛି ସମୟ ପରେ ଜୁଳୁଜୁଳିଆ ପୋକ ପରି ବାହାରି ଯିବେ ଆକାଶରେ ତାରାପୁଞ୍ଜ । ମାତ୍ର, ଏ ଝିଅର ଦେଖା ନାହିଁ । ମିଥ୍ୟାକୁ ଆଶ୍ରୟ କରି ଅନେକ ଦିନପରେ ସେ ଭେଟିବାକୁ ଆସିଛି, ତା' ସାନ ଭଉଣୀ କୁନିକୁ । ଯଦି ତା' ଫୋନ ଆସି ନ ଥାନ୍ତା; ତାହାହେଲେ କୀର୍ତ୍ତନ କେବେ ଜାଣି ପାରି ନ ଥାନ୍ତା । ମା' ଦେହ ଅସୁସ୍ଥ । ଟିନାକୁ ପ୍ରେମ କରି ବିବାହ କଲା ବୋଲି ବାପା, ମା ତାକୁ ଘରୁ ବାହାର କରିଦେଲେ । ଦଶବର୍ଷ ହେବେ ଘରେ କେହି ବୁଝିବାକୁ ଚେଷ୍ଟା କରି ନ ଥିଲେ । ବାବା ସିନା ଅଭିମାନ କରିଥିଲେ ହେଲେ, ମା ..! ତା'ର କ'ଣ ମୋତେ ବୁଝିବାର ନ ଥିଲା । କହିଲା କ'ଣ ନା"; ମୋ ସ୍ୱାମୀର ନିଷ୍ପତି ଉପରେ ମୁଁ ପ୍ରତିବାଦ କରି ପାରିବି ନାହିଁ ।" ମୋର ବି ଗୋଟିଏ ସ୍ୱାଭିମାନ ଅଛି କି ନାହିଁ । ବାସ୍ ! ସେ ଦିନ ଠାରୁ ଘର ସହିତ ସବୁ

ସମ୍ପର୍କରେ ଯବନିକା ପଡିଗଲା । ବୁଝି ହଉନି, ଝିଅଟା ମୋ ଫୋନ ନମ୍ବର ପାଇଲା କେଉଁଠୁ ? ଏ ଘଟଣା ଘଟିଲା ବେଳକୁ ସେ ଅଷ୍ଟମରେ ପଢୁଥିଲା । ମୋ ଠାରୁ ୧୨ବର୍ଷରେ ସାନ । ତେଣୁ କେବେ ଲାଗେନି ସାନ ଭଉଣୀ ବୋଲି । କୌଣସି ଗୁଣରୁ ଝିଅ ଠାରୁ କମ୍ ନୁହେଁ । କୀର୍ତ୍ତନର କୁନିର ପିଲାଦିନ କଥା ମନେ ପଡିଗଲା । ସେ କିପରି କୁନିକୁ ହାତଧରି ଚାଲିବା ଶିଖେଇଛି । ନିଜ ହାତରେ ଖୁଆଇ ପିଆଇ ବଡ କରିଛି । ତେଣୁ ସେ କୁନିକୁ ନାମ ବଦଳରେ ଝିଅ କହି ଡାକେ । ବହୁତ ବଡ ହେଇ ଯାଇଥିବଣି ସେ । କାଇଁ, ଏମିତି ନୁହେଁ ତ ଆଉ । ସେ ଏତେ ବଡ ପାର୍କରେ ମୋତେ ଖୋଜୁଥିବ। କୀର୍ତ୍ତନ ନିଜ ଜାଗାରୁ ଉଠି ଯାଇ ଏପଟେ ସେପଟେ ବୁଲୁଲା । କୁନି କେଉଁଠି ? ପଛରୁ ଭାଇ ଡାକରେ ଶୁଣି କୀର୍ତ୍ତନ ମୁହଁରୁ "ଝିଅ" ଶବ୍ଦଟି ଆପେ ଆପେ ବାହାରି ଗଲା । ମୁହଁ ବୁଲାଇ କୀର୍ତ୍ତନ ତା' ଝିଅକୁ ଦେଖିଲା । ଯଦି ତା'ର ଝିଅଟେ ଥାନ୍ତା ବୋଧହୁଏ ସେ ତାକୁ ଏତେ ଭଲପାଇ ପାରି ନ ଥାନ୍ତା । କୀର୍ତ୍ତନ ଜାବୁଡି ଧରିଲା ତା' ଝିଅକୁ । ଅଣାୟତରେ ଲୁହ ବୋହିଗଲା ।

ଲୁହ ପୋଛି ପୋଛି କୀର୍ତ୍ତନ କୁନିକୁ ବସିବାକୁ କହିଲା । କେଉଁଠୁ କଥା ଆରମ୍ଭ କରିବ ସେ ?? କିପରି ପଚାରିବ ମା' ବାପାଙ୍କ କେମିତି ଅଛନ୍ତି । ନିରବତା ଭାଙ୍ଗି କୀର୍ତ୍ତନ କୁନିକୁ ପଚାରିଲା; "ଝିଅ ମା' କେମିତି ଅଛି ? " କୁନି କୀର୍ତ୍ତନକୁ ଥରେ ନଜର ଖୁରେଇ ଆଣି ମୁଣ୍ଡ ତଳକୁ କରି କହିଲା"; ସେ ଠିକ୍ ଅଛି ।" ଗୋଟିଏ କଥା ପଚାରିବି ଭାଇ ! ସତକଥା ହେଲା; ଭାଇ ତୁ ଯେଉଁ ଦିନ ଆମ ମାନଙ୍କୁ ଛାଡି ଚାଲିଗଲୁ । ସେଦିନ ଠାରୁ ପ୍ରଶ୍ନ ମୋ ମନରେ ଘାଣ୍ଟି ହଉଛି । ଭାଇ ମୁଁ ଭାବିଥିଲି;  କିଛି ଦିନପରେ ବାବାଙ୍କ ରାଗ ଶାନ୍ତ ହେଇଗଲେ ତୁ ତାଙ୍କୁ ବୁଝାଇ ସୁଜାଇ ଘରକୁ ଫେରି ଆସିବୁ । ହେଲେ, ତୁ.....। କ'ଣ ଆମ ମାନଙ୍କୁ ଠାରୁ ତୋ ସ୍ୱାଭିମାନ ବଡ ହେଇଗଲା ।

କୀର୍ତ୍ତନ :- ଦେଖ୍, ଝିଅ ଯାହା ହେଇଗଲା ତାକୁ ବଦଳା ଯାଇ ପାରିବ ନାହିଁ । ଆଉ ତମେ ସବୁ ମୋ ନିଜର । ଆମେ ଗୋଟିଏ ପରିବାର । ମୁଁ ତମ ମାନଙ୍କ ଠାରୁ ଦୂରରେ ରହିଲେ ବି । ଆମେ ଗୋଟିଏ ।

କ'ଣ ପଚାରିବାକୁ ଚାହୁଁ ?? ଦେଖେ, ମୋତେ ରାତାରାତି ଭୁବନେଶ୍ୱର ଫେରିବାକୁ ପଡିବ । ବହୁତ କାମ ଅଛି ସେପଟେ ମୋର ।

କୁନି:- ଭାଇ ଆମ ଠାରୁ ତୋ କାମ ବଡ । ହଁ, ହବନି କ'ଣ ପାଇଁ, ଆମେ ତୋର କିଏ କି ?? ଭାଇ ମୁଁ ଶୁଣିଥିଲି ପିଲାମାନେ ମା' ବାପାଙ୍କୁ ଭୁଲି ଯାଇ ପାରନ୍ତି ମାତ୍ର ମା' ବାବା ପିଲାଙ୍କୁ କେବେ ଭୁଲି ପାରିବେ ନାହିଁ ।

କୀର୍ତ୍ତନ:- ପୁରା ଠିକ୍ କହିଲୁରେ ମା' । ମୁଁ ଜାଣିଛି ମା' ମତେ କେତେ ଝୁରୁଥିବ ।ବାବା କିଛି ନ କହିଲେ ବି ମନେ ମନେ ଅନେକ ଖୋଜୁଥିବେ ।

କୁନି:- ନା, ତୁ କିଛି ବୁଝିପାରୁନୁ । ନ ହେଲେ, ଭାଇ ତୁ ମୋତେ ଭୁଲି ଯାଇ ନ ଥାନ୍ତୁ । ଭାଇ ଠାରୁ ଅଧିକ ବାପା ତୁ ମୋ ପାଇଁ । ଏ ନେ.. କହି କୁନି ନିମନ୍ତ୍ରଣ ପତ୍ରଟେ କୀର୍ତ୍ତନ ହାତକୁ ବଢାଇ ଦେଲା । ଆସନ୍ତା ମାସରେ ମୋ ବାହାଘର । ତୁ ଆସିବୁ ନାହିଁ ମୁଁ ଜାଣିଛି । ତୁ ସିନା ତୋ ଝିଅକୁ ଭୁଲିଗଲୁ । ହେଲେ, ତୋ ଝିଅ ତା' ବାପାକୁ ଜୀବନ ଥିଲା ଯାକ ଭୁଲି ପାରିବ ନାହିଁ ।

ଆସୁଛି... ମେଞ୍ଚାଏ ଲୁହ ଆଖିରେ ଧରି କୁନି ଚାଲିଗଲା । କୀର୍ତ୍ତନ ନିମନ୍ତ୍ରଣ ପତ୍ରଟିକୁ ଖୋଲି ଦେଖିଲା । ତା' ପରି ପରିସ୍ଥିତି ଦୁନିଆଁରେ ଆଉ କାହାର ନ ଥିବ ! ମୋ ଠାରୁ ଆମେ ପାଲଟି ଥିବା ଭାଇ ଭଉଣୀର ସମ୍ପର୍କ ଆଜି କେବଳ ମୋ ପାଖରେ ଅଟକି ଗଲା ମୁଁ ହେଇ ।


*****

ହୁଡକୋ କଲୋନୀ, ଭଞ୍ଜ ବିହାର

ବ୍ରହ୍ମପୁର

# ଏମିତି ବି ପ୍ରେମ ହୁଏ

ସଂଯୁକ୍ତା ରାଉତ



"ଆନନ୍ଦ ଭବନ"ର ବାଲକୋନୀର ଏକ ପାର୍ଶ୍ୱରେ ଗୋଟେ ଚେୟାରରେ ବସିଛି ସିପ୍ରା ସାମନ୍ତରାୟ । ତା' ଚାରିପାଖରେ କ'ଣ ସବୁ ଘଟୁଛି ବା ନଘଟୁଛି ସେ ପ୍ରତି ତା'ର ଜମା ନିଘା ନାହିଁ । ନିଜ ଭାବନା ରାଜ୍ୟରେ ବୁଡି ଯାଇ, ସମ୍ପୂର୍ଣ୍ଣ ଭାବପ୍ରବଣ ହୋଇପଡିଛି ଆଜି ସେ । ସେ ଭାବୁଛି ତାକୁ ଆଜି କାଲି କାହିଁକି ଏତେ ଭଲ ଲାଗୁଛନ୍ତି ଅମୁ । କାହିଁକି ଅମୁଙ୍କ ପ୍ରତି ତା' ମନରେ ଏତେ ଆତ୍ମୀୟତା ? ହୃଦୟରେ ଏତେ ଆପଣାପଣ ...?

କାହିଁକି...?

କାହିଁକି ...?

କେଇ ପଦ ମାତ୍ର କଥାବାର୍ତ୍ତା ଆଉ ଅଳ୍ପ କିଛି ଦିନର ଚିହ୍ନା ପରିଚୟ ତ, ତାହା ପୁଣି ଏହି ଫେସବୁକରେ...।

ଦିନେ ଅଚାନକ ଫେସବୁକରେ ଅମୁଙ୍କର ଫ୍ରେଣ୍ଡ ରିକ୍ୱେଷ୍ଟ ଆସେ ସିପ୍ରାକୁ...।

ଆରେ ଏ କ'ଣ...? ଆଗରୁ ତ' ଇଏ ମୋ' ଫ୍ରେଣ୍ଡ ଲିଷ୍ଟରେ ଥିଲେ । ପୁଣି କ'ଣ ଏ ରିକ୍ୱେଷ୍ଟ ? କେତେବେଳେ କଟି ଯାଇଥିବେ ବୋଧହୁଏ ।

ଅମୁ ଆଗରୁ ସିପ୍ରାର ଫ୍ରେଣ୍ଡ ଲିଷ୍ଟରେ ଥିଲେ ମାତ୍ର କାର୍ଯ୍ୟ ବ୍ୟସ୍ତତା ଭିତରେ ସିପ୍ରା ସେତେବେଳେ ଏତେ ଫେସବୁକ୍ ପେଜକୁ ଆସିପାରେନି କି ସବୁ ପୋଷ୍ଟ ଦେଖିପାରେନି । ଯେତେବେଳେ ଟିକେ ଫ୍ରୀ ସମୟ ମିଳେ ଫେସବୁକ୍ ଖୋଲି ପୋଷ୍ଟ ସବୁ ଦେଖେ । ସିପ୍ରାର ଫେସବୁକରେ କିଛି ଜଣ ଭଲ କବି ଆଉ ଲେଖକ ମଧ୍ୟ ଥିଲେ । ସେ ପୋଷ୍ଟଗୁଡ଼ିକୁ ଠିକ୍ ସେ ପଢିସାରି ହିଁ କମେଣ୍ଟ ରଖେ । ଆଖି ବୁଜା କାହାକୁ କମେଣ୍ଟ ଦେବା ତା'ର ଜମା ପସନ୍ଦ ନୁହେଁ । ସେ ମଧ୍ୟ ଏମିତି କିଛି ଲେଖା ପଢି ତା'

ନିଜସ୍ୱ କିଛି କବିତାକୁ ଫେସବୁକରେ ଟାଇପ କରି ପୋଷ୍ଟ କରେ । ପାଠକମାନଙ୍କ ଦ୍ୱାରା ବି ତା' କବିତା ଗୁଡିକ ଖୁବ୍ ଆଦୃତି ଲାଭ କରିଛି ଓ କିଛି ସାହିତ୍ୟ ମଞ୍ଚ ଦ୍ୱାରା ବି ତାକୁ ସମ୍ମାନିତ କରାଯାଇଛି । ସେ କିନ୍ତୁ ନିଜକୁ କେବେ ସେସବୁର ଯୋଗ୍ୟ ଭାବିନି । ଅନ୍ୟମାନଙ୍କ ଠାରୁ ବହୁତ କିଛି ଶିଖିବାର ଇଚ୍ଛାଟିଏ ରଖି ସେ ସବୁବେଳେ ଅନ୍ୟକୁ ପଢି ଚାଲିଛି ।

ହଁ ଏବେ ଫେରିବା ସିପ୍ରା ପାଖକୁ ।

ସିପ୍ରା ମେସେଞ୍ଜରରେ ଲେଖେ .......ସାର୍ ପ୍ରଣାମ । ଆପଣଙ୍କ ପରି ଜଣେ ମହାନ୍ ବ୍ୟକ୍ତି ବିଶେଷଙ୍କୁ ବନ୍ଧୁ ଭାବରେ ପାଇ ମୁଁ ବହୁତ ଖୁସି ।

....ପ୍ରତି ନମସ୍କାର ବି ସେପଟୁ ଆସେ ।

....କ'ଣ କରୁଛନ୍ତି ସାର୍ ? ....ମୁଁ ଏବେ ଟିକେ ଅଫିସ କାମରେ ବ୍ୟସ୍ତ ଅଛି ମାଡାମ୍ । ଆପଣ ଫୋନ ନମ୍ବର ଦିଅନ୍ତୁ, ମୁଁ ଫ୍ରୀ ହେଲେ ନିଶ୍ଚୟ କଲ୍ ବ୍ୟାକ୍ କରିବି ।

ତା' ପରଦିନ ଅମୁଙ୍କ ଫୋନରୁ କଲ୍ ଆସେ ସିପ୍ରାକୁ । ପାରାସ୍ପରିକ ଭାବ ବିନିମୟ ଓ ବୁଝାମଣାରୁ ସମ୍ପର୍କରେ ଆସେ ନିବିଡ଼ତା । ଦିନେ ସିପ୍ରା ଅନୁଭବ କରେ, ଅମୁ ଓ ତାଙ୍କ ଦ୍ୱାରା ରଚିତ ଗଳ୍ପ ଉଭୟର ପ୍ରେମରେ ସେ ବୋଧହୁଏ ସମ୍ପୂର୍ଣ୍ଣରୂପେ ପଡ଼ିସାରିଲାଣି । ଆଉ ଆଜି ଯେମିତି ଅମୁମୟ ହୋଇ ପଡ଼ିଛି ତା' ଛୋଟ ପୃଥିବୀଟା ।

କେତେ ଅବା ଜାଣିଛି ସେ ଅମୁଙ୍କୁ ......ତାଙ୍କ ବର୍ତ୍ତମାନ ଓ ଅତୀତକୁ ?

ଏଇ କେଇପଦ ତ ମାତ୍ର କଥା ବାର୍ତ୍ତା ...

ଅମୁଙ୍କ ରଚିତ କେତୋଟି ମାତ୍ର ଗଳ୍ପ ପଢିଛି ସିପ୍ରା ।

କିଛି ଦିନର ସମ୍ପର୍କ ଭିତରେ ଅମୁଙ୍କ ବଳିଷ୍ଠ ବ୍ୟକ୍ତିତ୍ୱରେ ଖୁବ୍ ପ୍ରଭାବିତ ହୋଇପଡ଼ିଛି । ଅମୁଙ୍କ ଖୋଲାପଣ, ନିର୍ଭୀକତା ଓ ଖାମ ଖିଆଲି ବେପରୁଆ ଭାବ ସବୁ ଯେମିତି ଆପଣା ଛାଏଁ ଛୁଇଁ ଯାଉଛି ସିପ୍ରାକୁ ।

ନିଜ ହୃଦୟରେ ତୀବ୍ର ଆକର୍ଷଣଟିଏ ଅନୁଭବ କରୁଛି ସେ ଅମୁ ପାଇଁ । ଭିତରେ ଭିତରେ କେମିତି ତା' ମନରେ ଅମୁଙ୍କ ପ୍ରତି ଗୋଟେ ଦୁର୍ବଳତା ଆସିଯାଉଛି କେଜାଣି । ତେବେ ଏଇଟା କ'ଣ ପ୍ରକୃତରେ ପ୍ରେମ ନା ତା' ମନରେ ଅମୁଙ୍କ ପ୍ରତି ଥିବା ଆକର୍ଷଣର ପ୍ରତିଫଳନ ମାତ୍ର ? କିଛି ବୁଝି ପାରୁନି ସିପ୍ରା ।

ସେଦିନ ହଠାତ ବସ୍ ଷ୍ଟାଣ୍ଡରେ ଦେଖା ହୋଇଗଲା ଅମୁଙ୍କ ସହିତ । ଅମୁ ମୁରୁକି ହସି ତା ମୁହଁକୁ ଚାହିଁଲେ । ଲାଜରେ ପୁରାପୁରି ଲାଲ ପଡ଼ିଗଲା ସେ । ଉପରକୁ ମୁହଁ ଉଠାଇ ଅମୁଙ୍କ ମୁହଁକୁ ଚାହିଁବାର ସାହାସ କରିପାରୁ ନଥିଲା । ଉଭୟଙ୍କ ଗନ୍ତବ୍ୟସ୍ଥଳ ଥିଲା ଏକ । ବସରେ ଦୁହେଁ ଏକାଠି ଚଢିଲେ । ଗୋଟିଏ ମାତ୍ର ଦୁଇଜଣିଆ ସିଟ୍ ଖାଲି ଥିଲା ବସରେ । ପରସ୍ପର ପରସ୍ପରକୁ ଚାହିଁଲେ । ଉଭୟଙ୍କ ଇଚ୍ଛା ଥିଲା ଯେ ଉଭୟେ ଏକାଠି ପାଖାପାଖି ବସନ୍ତେ କି, ମାତ୍ର କେହି କାହାକୁ ଏ ବିଷୟରେ କିଛି ମୁହଁ ଖୋଲି କହିପାରୁନଥାନ୍ତି ।

କଣ୍ଡକ୍ଟର ଆସି ସିପ୍ରାକୁ କହିଲା - " ଖାଲି ଥିବା ସିଟରେ ଅନ୍ୟ କେହି ବସିବା ପୂର୍ବରୁ ଆପଣ ମାଡାମ୍ ସାରଙ୍କ ସହ ସେଠି ବସିଯାଆନ୍ତୁ " । ସିପ୍ରା ଚାହିଁଲା ଅମୁଙ୍କ ମୁହଁକୁ । ତାଙ୍କର ମୁହଁରେ ସମ୍ମତି ସୂଚକ ଇଙ୍ଗିତ ପାଇ ଆଗେ ବସିପଡିଲା ଝରକା ସାଇଡର ସିଟ୍ ରେ । ତା'ପରେ ଅମୁ । ଗାଡ଼ିର ହଲଚଲରେ ଉଭୟଙ୍କ ଶରୀର ଉଭୟଙ୍କୁ ସ୍ପର୍ଶ କରୁଥିଲା କିଛି କିଛି । ଖୁବ୍ ରୋମାଞ୍ଚିତ ହୋଇ ଉଠୁଥିଲା ସିପ୍ରାର ଶରୀର ଆଉ ମନ । ଅମୁଙ୍କ ଶରୀରର ନିମିତ୍ତ ମାତ୍ର ସ୍ପର୍ଶ ଇଲେକ୍ଟ୍ରିକାଲ ସକ୍ ପରି ତା' ସର୍ବାଙ୍ଗ ଶରୀରରେ ଶତ ପୁଲକର ଶିହରଣ ଖେଳାଉଥିଲା ଯେପରି । ସହସ୍ର କଦମ୍ବର ରୋମାଞ୍ଚ ଅନୁଭବ କରୁଥିଲା ନିଜର ପ୍ରତ୍ୟେକଟି ଲୋମମୂଳରେ । ଏକ ଅଦମ୍ୟ ପିପାସା ତା' ମନରେ ବଳବତ୍ତର ହେଉଥିଲା ସେତେବେଳେ । ଅମୁ କିନ୍ତୁ ଥିଲେ ସମ୍ପୂର୍ଣ୍ଣ ନିର୍ବିକାର । ତାଙ୍କ ମନ ଆଉ ଶରୀର ମଧ୍ୟରେ ଉଠୁଥିବା ରୋମାଞ୍ଚକ ଜୁଆର ଭଟ୍ଟାକୁ ସେ ଯେପରି ବାହାରକୁ ଆସିବାକୁ ସୁଯୋଗ ଦେଉନଥିଲେ ।

ବସ୍ ନିର୍ଦ୍ଧିଷ୍ଟ ଷ୍ଟପେଜରେ ରହିଲା ପରେ, ଉଭୟେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ଉଦ୍ୟତ ହେଲେ । ଯିବା ପୂର୍ବରୁ ଉଭୟେ ଉଭୟଙ୍କୁ ଚାହିଁଲେ । ମନରେ ଅସରନ୍ତି କଥା, ମାତ୍ର ସଂକୋଚରେ ତାଲା ପଡିଥିଲା ଉଭୟଙ୍କ ଓଠରେ । ଦୁହିଁଙ୍କର ନୀରବ ଚାହାଁଣି ବହୁତ କିଛି କହୁଥିଲା ମାତ୍ର ।

କିଛି ଦିନ ଅନ୍ତେ ଯୁବ ଶିଳ୍ପପତି ଅବିନାଶ ଚୌଧୁରୀଙ୍କ ସହିତ ସିପ୍ରାର ବିବାହ ଏକରକମ୍  ଠିକ୍ ହୋଇଯାଏ । ଆତ୍ମା ତା'ର ଚିତ୍କାର କରିଉଠେ ଭିତରେ ଭିତରେ । ସେ ତ' କାୟମନୋବାକ୍ୟରେ ଅମୁଙ୍କର ହୋଇଯାଇଛି । କେମିତି ଏ ମନ ଆଉ ଶରୀର ଅନ୍ୟ କାହାକୁ ଦେଇ ପାରିବ ? ଅମୁଙ୍କ ସହିତ କଣ୍ଟାକ୍ଟ କରିବାକୁ ବହୁତ ଚେଷ୍ଟା କଲା, ମାତ୍ର ନା ତାଙ୍କର ଫୋନ ଲାଗେ ନା ସେ ଫେସବୁକ୍ କି ମେସେଞ୍ଜରରେ ଉପଲବ୍ଧ ହୁଅନ୍ତି  ? ଅନେକ ଦିନ ଅପେକ୍ଷା କଲା ଆଉ ବହୁତ ଖୋଜିଲା ବି ସିପ୍ରା । ମାତ୍ର କିଛି ଫଳ ହୁଏନି ।

କୋଉଁଠି ହେଲେ ବି ଅମୁଙ୍କର ଦର୍ଶନ ପାଇଲାନି ସେ । ଇଆଡ଼େ ବାହାଘର ସମୟ ପାଖେଇ ପାଖେଇ ଆସୁଥାଏ । ବିକଳ ହୋଇ ଉଠିଲା ସିପ୍ରା । ଅଚାନକ ଅମୁଙ୍କ ଏପରି ଅନ୍ତର୍ଦ୍ଧାନରେ ହୃଦୟ ତା'ର ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲା । ଅମୁଙ୍କ ସେହି ସ୍ୱଳ୍ପ ସମୟର ସ୍ପର୍ଶ ଏବେବି ସେ ଅନୁଭବ କରୁଛି, ନିଜର ସର୍ବାଙ୍ଗରେ, ମନରେ, ପ୍ରାଣରେ ଆଉ ଆତ୍ମାରେ । ପ୍ରକୃତିସ୍ଥ ହେଲା ସିପ୍ରା । ଆଉ ଡେରି କଲେ ସବୁ ଗଡ଼ବଡ ହୋଇଯିବ । ତାକୁ ହିଁ ଅମୁଙ୍କୁ ଖୋଜି ବାହାର କରିବାକୁ ହେବ ଆଉ ଆଜି ଭିତରେ ।

ସିପ୍ରା ଏବେ ଚାଲିଲା ଅମୁଙ୍କ ଅଫିସକୁ । ପହଞ୍ଚି ଦେଖିଲା ଅମୁଙ୍କ ନାମଫଳକ ତ' ଅଛି ମାତ୍ର ଅମୁ ନାହାଁନ୍ତି ସେଠି । ବୁଢା ପିଅନଙ୍କୁ ପଚାରି ବୁଝିଲା ଅମୁଙ୍କ ବିଷୟରେ । ଆଖିରେ ଲୁହ ଟଳମଳ ହୋଇ ଉଠିଲା ପିଅନଟିର । ରୁମାଲରେ ଆଖି ପୋଛି କୋହଭରା କଣ୍ଠରେ କହିଲା " ଆପଣ ଜାଣି ନାହାଁନ୍ତି କି ମାଡାମ୍, ବାବୁଙ୍କୁ ବ୍ଲଡ଼ କ୍ୟାନ୍ସର ।

ଲାଷ୍ଟ ଷ୍ଟେଜ୍ । ଟାଟା ମେମୋରିଆଲ ହସ୍ପିଟାଲରେ ଆଡମିସନ ହୋଇଛନ୍ତି ଦୁଇ ସପ୍ତାହ ହେଲା । ଏ ଅଲକ୍ଷଣା ରୋଗରୁ ସେ କ'ଣ ଆଉ ବଞ୍ଚି ଫେରିବେ ? "ଏତକ କହି ପିଅନ ଚାଲିଗଲା ତା ବାଟରେ ରୁମାଲରେ ଆଖି ପୋଛି । ସିପ୍ରା ସେଠି ଠିଆ ହୋଇଥିଲା ନିର୍ବାକ, ନିଶ୍ଚଳ କାଠ କଣ୍ଢେଇଟି ପରି । ନିଜ କାନକୁ ଜମା ସେ ବିଶ୍ୱାସ କରିପାରୁନଥିଲା ଏ କଥା ଗୁଡାକ । ମନ ତା'ର ଗ୍ରହଣ କରିପାରୁନଥିଲା ଏ ନିର୍ମମ ନିଷ୍ଠୁର ସତ୍ୟଟିକୁ । ସେ ଅନୁଭବ କରୁଥିଲା ସତେ ଯେମିତି ତା' ଶରୀର ଧିରେଧିରେ ଆତ୍ମା ଶୂନ୍ୟ ହୋଇଯାଉଛି ।

ସିପ୍ରାର ବାହାଘର ତ ହୋଇଗଲା ଯୁବ ଶିଳ୍ପପତି ଅବିନାଶ ଚୌଧୁରୀଙ୍କ ସହ ବଡ଼ ଧୁମଧାମରେ । ସେ ଥିଲା ଯେମିତି ଆତ୍ମା ରହିତ, ଏକ ଚଳନ୍ତା ଫେରନ୍ତା ଚାବିଦିଆ କଣ୍ଢେଇଟିଏ ମାତ୍ର ।

ଆଜି ଚାତୁର୍ଥୀ । ବାସର ରାତି । ନାରୀ ଜୀବନର ଦୁର୍ଲଭ ଇପ୍ସିତ ବହୁ ପ୍ରତୀକ୍ଷିତ ମୁହୂର୍ତ୍ତଟିଏ । ମାତ୍ର ସିପ୍ରାର କୌଣସି ପ୍ରତିକ୍ରିୟା କି ଭାବ

ପ୍ରବଣତା ବା କିଛିରେ ଭାବାନ୍ତର ନଥିଲା । ସେ ଥିଲା ସମ୍ପୂର୍ଣ୍ଣ ସ୍ଥିର, ସ୍ଥବିର ଆଉ ନିର୍ବିକାର । ମେଞ୍ଚାଏ ଗହଣାରେ ଲଦିହୋଇ ବାସର ଶେଯରେ ଅନାକାଂକ୍ଷିତ ପୁରୁଷଟିକୁ ଅପେକ୍ଷା କରିଛି ଆଜି ସେ କେବଳ ଯନ୍ତ୍ରବତ୍ ।

ରାତ୍ରିର ବିଳମ୍ବିତ ପ୍ରହରରେ, ଅବିନାଶ ଆସିଲେ ସ୍ଖଳିତ ପଦକ୍ଷେପରେ । ବିଦେଶୀ ପାନୀୟର ମୃଦୁ ଗନ୍ଧ ବାଜୁଥାଏ ସିପ୍ରାର ନାକରେ । ମାତ୍ର ସିପ୍ରା ଥିଲା ସମ୍ପୂର୍ଣ୍ଣ ସମ୍ବେଦନହୀନ । ଧମ୍ କରି ପଲଙ୍କ ଉପରେ ବସିପଡିଲେ ଅବିନାଶ । ସିପ୍ରାର ଓଢଣା ଖୋଲି ଅସଲଗ୍ନ କଣ୍ଠରେ କହିଲେ, ୟୁ ଆର ଭେରୀ ଭେରୀ ବିଉଟିଫୁଲ୍ ମାଇଁ ଡାର୍ଲିଂଗ୍ । ବଟ୍ ସରି । ଆଇ କ୍ୟାଣ୍ଟ ଡୁ ଏନିଥିଙ୍ଗ ଟୁଡେ । ମାଇଁ ବେଷ୍ଟ ଫ୍ରେଣ୍ଡ ଅମୂଲ୍ୟ ଇଜ ନୋ ମୋର୍ । ଏକ୍ସକ୍ୟୁଜ୍ ମି । ଅବିନାଶଙ୍କ ନିଶାସକ୍ତ ଶରୀରଟି ଭାରସାମ୍ୟ ହରାଇ ଗଡିପଡିଲା ସୁସଜ୍ଜିତ ପଲଙ୍କ ଉପରେ । ସିପ୍ରା ବସିଛି ସେମିତି ନିର୍ବିକାରରେ । ଅପଲକ ନେତ୍ରରେ ଚାହିଁଛି କେବଳ ଆଗକୁ, ହାତ ଦୁଇଟି ଆଣ୍ଠୁରେ ଛନ୍ଦି ।

ସକାଳୁ ସକାଳୁ ସାରା ଗାଆଁଟାରେ ହଲ୍ଲା ପଡିଗଲା, ଚୌଧୁରୀ ଘରର ନବବଧୂ ସିପ୍ରା ସାମନ୍ତରାୟର ହୃଦଘାତରେ ଗତକାଲି ରାତିରେ ଘଟିଛି ମୃତ୍ୟୁ ।

*****

ଜୟପୁର, କୋରାପୁଟ

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଜାନୁୟାରୀ ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ *www.preranaodia.com/feedback* ପ୍ରଦାନ କରିବାକୁ ଅନୁରୋଧ ।

Prerana

GET IT ON Google play

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

*https://play.google.com/store/apps/details?id=com.debi.prerana*